ଧରିତ୍ରୀ
DHARITRI
May 9-15, 2021 ₹ 2/-

ଛୁଟିଦିନ

# ମମତାର ପ୍ରତିମୂର୍ତ୍ତି





୩
ପ୍ରଚ୍ଛଦ ପ୍ରସଙ୍ଗ

ଜନ୍ମିତ ସନ୍ତାନ ନୁହେଁ, ଅନ୍ୟର ସନ୍ତାନଙ୍କୁ
କୋଳରେ ଧରି ନିଜେ ଗଢି ହୋଇ ସେମାନଙ୍କୁ ଗଢୁଥିବା
ଦେବୀପଣ ହିଁ ମା’ପଣ। ମାତୃତ୍ୱର ସକଳ ମର୍ଯ୍ୟାଦାରେ
ଗରିମାମଣ୍ଡିତା ସେଭଳି ମା’ମାନଙ୍କୁ ନେଇ
ଏଥରର ପ୍ରଚ୍ଛଦ...

୮/୯
ସିନେମା

୧୩
ସହରରୁ ଦୂର



## ବାହାଘରରେ ବିଳମ୍ବ ହେଉଥିଲେ...

**କୁହାଯାଏ, ବିବାହ ଭଗବାନଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥାଏ ଆଉ ନିର୍ଦ୍ଦିଷ୍ଟ ସମୟ ଆସିଲେ ତାହା ହୁଏ। ତଥାପି ଜଣ ଜଣଙ୍କ କ୍ଷେତ୍ରରେ ବିବାହକୁ ନେଇ ବହୁ ସମସ୍ୟା ଦେଖାଦିଏ। ଏଥିରୁ ମୁକ୍ତି ପାଇବା ପାଇଁ କ'ଣ ସବୁ ବାସ୍ତୁ ଟିପ୍ସ ରହିଛି ଆସନ୍ତୁ ଜାଣିବା...**



* କୁଣ୍ଡଳୀରେ ମଙ୍ଗଳ ଦୋଷ ଥିଲେ ବିବାହ ବିଳମ୍ବରେ ହୁଏ। ଏଥିରୁ ମୁକ୍ତି ପାଇଁ ଘରର କବାଟଗୁଡ଼ିକର ରଙ୍ଗ ନାଲି କିମ୍ବା ଗୋଲାପୀ କରିଦେଲେ ଭଲ।
* ସେହିପରି କୁହାଯାଏ, ବିବାହ ଯୋଗ୍ୟ ଯୁବକ ବା ଯୁବତୀଙ୍କ ରୁମ୍‌ରେ କୌଣସି ଭାରୀ ଜିନିଷ କିମ୍ବା ବଡ଼ ସାଇଜ୍‌ର ବାସନକୁ ବନ୍ଦ କରି କି ରଖିଲେ ସେମାନଙ୍କ ବିବାହ ବିଳମ୍ବରେ ହୋଇଥାଏ।
* ତା'ଛଡ଼ା ବିବାହ ଯୋଗ୍ୟ ଯୁବତୀ ଓ ଯୁବକଙ୍କ ଖଟ ତଳେ ଅଳିଆ ଆବର୍ଜନା କିମ୍ବା ଲୁହାର କୌଣସି ଜିନିଷ ରଖିଲେ ସେମାନଙ୍କ ବିବାହରେ ସମସ୍ୟା ମଧ୍ୟ ଦେଖାଦେଇଥାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ବିବାହ ପ୍ରସ୍ତାବ ଦେଖିବାକୁ ଯିବା ସମୟରେ ଯୁବତୀ ଓ ଯୁବକ ଦକ୍ଷିଣ ଦିଗକୁ ମୁହଁ କରି ବସିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ମଙ୍ଗଳ କାର୍ଯ୍ୟରେ ବିଘ୍ନ ସୃଷ୍ଟି ହୋଇଥାଏ।
* ଅନ୍ୟପକ୍ଷେ ବିବାହ ଯୋଗ୍ୟ ଯୁବତୀ ଓ ଯୁବକ ଯେତେ ସମ୍ଭବ ଗୋଲାପୀ ରଙ୍ଗର ଜିନିଷ ବ୍ୟବହାର କରିବା ଦରକାର। କାରଣ ଏହି ରଙ୍ଗ ଗୃହସ୍ଥି ଜୀବନ ପାଇଁ ଭଲ ଲକ୍ଷଣ ହୋଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୯-୧୫, ୨୦୨୧

**ମେଷ**

ସ୍ଥାନାନ୍ତରଜନିତ ଅସ୍ଥିରତା, ପ୍ରତିବନ୍ଧକର ସାମନା, ଦୃଢ଼ୀଭୂତ ସାମାଜିକ ସ୍ଥିତି, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ସହକର୍ମୀଙ୍କ ସହଯୋଗ, ଖର୍ଚ୍ଚଭାର ବୃଦ୍ଧି, ପ୍ରୀତିପ୍ରଦ ପରିବାର, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ।

**ବୃଷ**

ମାନସିକ ଅସ୍ଥିରତା, କାର୍ଯ୍ୟସାଧନରେ ବିଳମ୍ବ, ଶତ୍ରୁ ଉପଦ୍ରବ କମିବ, ମାମଲାରେ ବାଇଦା, ଯାନ୍ତ୍ରିକ ଜିନିଷ ମରାମତି, ପାରିବାରିକ ଦ୍ୱନ୍ଦ୍ୱ, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ।

**ମିଥୁନ**

ନୂତନ ଯୋଜନାରମ୍ଭ, ବ୍ୟସ୍ତତା ବୃଦ୍ଧିପାଇବ, ଧାରକରଜ କରିବେ, ବନ୍ଧୁଙ୍କ ପ୍ରତିବାଦ, ଜଟିଳ ପରିସ୍ଥିତି ହ୍ରାସ, ସ୍ୱାସ୍ଥ୍ୟୋନ୍ନତିରୁ ଆନନ୍ଦ, ପ୍ରଶାସନିକ ସଫଳତା, ଶୁଭଖବର ପ୍ରାପ୍ତି।

**କର୍କଟ**

କର୍ମକ୍ଷେତ୍ରରେ ଦକ୍ଷତା, ବନ୍ଧୁସମ୍ପର୍କରେ ଉନ୍ନତି, ଭ୍ରାତୃସମ୍ପର୍କ ବୃଦ୍ଧି, ଆତ୍ମୀୟଙ୍କ କ୍ଷୋଭ, ମାନସିକ ଦୁଶ୍ଚିନ୍ତା, ଋଣ ପରିଶୋଧ କରିବେ, ସାଙ୍ଗଠନିକ ତତ୍ପରତା, ଭ୍ରମଣରେ ପ୍ରତିବନ୍ଧକ, କଳାସାହିତ୍ୟରେ ଉନ୍ନତି।

**ସିଂହ**

ବୈପ୍ଳବିକ ଚିନ୍ତାଧାରା, ବନ୍ଧୁଙ୍କ ବାଦାନୁବାଦ, ଉଠାପକା କର୍ମକ୍ଷେତ୍ର, ଅଶାନ୍ତ ପରିବାର, ଆତ୍ମସମ୍ମାନରେ ବାଧା, ଆର୍ଥିକ ପ୍ରଗତି, ବାଣିଜ୍ୟର ଅଭିବୃଦ୍ଧି, ବାଣିଜ୍ୟରେ ପ୍ରତିବନ୍ଧକ।

**କନ୍ୟା**

ଦୁଃଖଦ ଅନୁଭୂତି, ସାମୟିକ ଅବସାଦ, ନୂତନ ଯୋଜନା, ବୁଦ୍ଧିଜୀବୀଙ୍କ ସାନ୍ନିଧ୍ୟ, ରଚନାତ୍ମକ କାର୍ଯ୍ୟ, ଗବେଷଣାରେ ସୁନାମ, ପରିବହନରେ ଝଗଡ଼ା, ମାଲିମକଦ୍ଦମା, ମିଥ୍ୟା ଅଭିଯୋଗ।

**ତୁଳା**

ଅବିରାମ ଚେଷ୍ଟା, ଆନୁଷଙ୍ଗିକ ସୁବିଧା, ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା, ମାନସିକ ଚାପବୃଦ୍ଧି, ପ୍ରଶାସନିକ ସଫଳତା, କଚେରି ଝମେଲା, ଜମିଜମା ରେଜିଷ୍ଟ୍ରେସନ୍, ସଭାସମିତିରେ ସମ୍ମାନ, ପରୋକ୍ଷ ସମସ୍ୟା।

**ବିଛା**

ଆର୍ଥିକ ଉନ୍ନତି, ପ୍ଲଟିଙ୍ଗ୍ କାରବାରରେ ଉନ୍ନତି, ପ୍ରତିଯୋଗିତାରେ ବିଜୟ, ପରିବହନରେ ସମସ୍ୟା, ନିର୍ମାଣରେ ପ୍ରତିବନ୍ଧକ, ମିଥ୍ୟାଭିଯୋଗ, ବନ୍ଧୁଙ୍କ ନିମନ୍ତ୍ରଣ, ଉପରିସ୍ଥଙ୍କ ଅନୁକମ୍ପା।

**ଧନୁ**

ମାନସିକ ଦୁଶ୍ଚିନ୍ତା, କାର୍ଯ୍ୟରେ ବ୍ୟତିକ୍ରମ, ନିର୍ଣ୍ଣାୟକ ଭୂମିକା ନେବେ, ବୁଝାମଣା ବଦଳିବ, ପ୍ରିୟବନ୍ଧୁଙ୍କ ପରାମର୍ଶ, ସ୍ୱାସ୍ଥ୍ୟ ସମସ୍ୟା, ବାଣିଜ୍ୟରେ ଉନ୍ନତି, ରାଜନୀତିରେ ସମ୍ପର୍କ ବୃଦ୍ଧି, ନୂତନ ଯୋଜନାରମ୍ଭ, ଦ୍ୱନ୍ଦ୍ୱର ଅବସାନ।

**ମକର**

ମାନସିକ ଦୁର୍ବଳତା, ପଡୋଶୀଙ୍କ ଖେଦ, ନିଷ୍ପତ୍ତି ବଦଳେଇବେ, ପାରିବାରିକ ସମର୍ଥନ, ଅର୍ଥସଂକଟ, ବ୍ୟବସାୟିକ ସମସ୍ୟା, ଆନୁଷ୍ଠାନିକ କର୍ମ, ଉପରିସ୍ଥଙ୍କ ଆଶ୍ୱାସନା, ଯାତ୍ରାରେ ଦ୍ୱନ୍ଦ୍ୱ, ଶୁଭଖବର ପ୍ରାପ୍ତି।

**କୁମ୍ଭ**

ବୁଦ୍ଧିଜୀବୀଙ୍କ ପ୍ରଶଂସା, ରଚନାତ୍ମକ କାର୍ଯ୍ୟ, ମାନସିକ ଚାପବୃଦ୍ଧି, ସମ୍ପର୍କରେ ତିକ୍ତତା, ସନ୍ତୋଷଜନକ ବ୍ୟବସାୟ, ପ୍ରତିକୂଳତା କମିବ, ବନ୍ଧୁମିଳନ ଜମିବ, ସାଂଗଠନିକ ସ୍ୱୀକୃତି, ବିଦେଶଯାତ୍ରା ସ୍ଥଗିତ, ପ୍ରକାଶନରେ ସମସ୍ୟା।

**ମୀନ**

ସମସ୍ୟା ସମାଧାନ, ସହକର୍ମୀଙ୍କ ସହଯୋଗ, ସ୍ଥିତି ବଦଳିବ, ବିଳମ୍ବରେ କାର୍ଯ୍ୟସିଦ୍ଧି, ଲୋକସମ୍ପର୍କ ବୃଦ୍ଧି, ସରକାରୀ ସାହାର୍ଯ୍ୟ, ଶିକ୍ଷାରେ ସଫଳତା, ଗବେଷଣାରେ ଅଗ୍ରଗତି, ଆର୍ଥିକ ପ୍ରଗତି, ବ୍ୟବସାୟିକ ଉତ୍କର୍ଷ।

## ହାତକୁ କେମିତି ରଖିବେ ସୁନ୍ଦର

**ହା**ତରେ ବାରମ୍ବାର ଧୂଳି, ମାଟି, ଝାଳ, ସାବୁନ ଫେଣ, ପାଣି ତଥା ସାନିଟାଇଜର୍ ଲାଗିଲେ କିମ୍ବା ଏହା ଅଧିକରୁ ଅଧିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ, ହାତର ଚମକ୍ ଧୀରେ ଧୀରେ କମିଯାଏ। ଯଦି ଠିକ୍ ସମୟରେ ଏଥିପ୍ରତି ଧ୍ୟାନ ନ ଦିଆଯାଏ କିମ୍ବା ହାତର ଠିକ୍ ଯତ୍ନ ନ ନିଆଯାଏ, ତା'ହେଲେ ହାତର ଚର୍ମ ଲୋଚାକୋଚା ହୋଇ କମ୍ ବୟସରେ ବି ବୟସ୍କ ଲୋକଙ୍କ ହାତପରି ଦେଖାଯାଇଥାଏ। ସେଥିପାଇଁ ହାତକୁ ହାଇଡ୍ରେଟ୍ ରଖିବା ନିହାତି ଜରୁରୀ। ସନ୍ତୁଳିତ ଆହାର ସହ ପ୍ରଚୁର ମାତ୍ରାରେ ପାଣି ପିଇଲେ ହାତକୁ ଏପରି କି ଶରୀରକୁ ଠିକ୍ ପୋଷଣ ମିଳିଥାଏ। ସେହିପରି ଯଦି ଆପଣ ହାତକୁ ସାବୁନରେ ଧୋଉଥାନ୍ତି, ତା'ହେଲେ ସାଙ୍ଗେସାଙ୍ଗେ ହାତରେ ନଡ଼ିଆ ତେଲ କିମ୍ବା ବଡିଲୋଶନ ଲଗାଇ ଦିଅନ୍ତୁ। ସୂର୍ଯ୍ୟକିରଣରେ ବାହାରକୁ ବାହାରିବା ପୂର୍ବରୁ ଶରୀରରେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇବାକୁ ଆଦୌ ଭୁଲନ୍ତୁ ନାହିଁ। ଧୂଳି, ମାଟି, ଝାଳରୁ ହାତ କେମିତି ସୁରକ୍ଷିତ ରହିବ ସେ ପ୍ରତି ଧ୍ୟାନ ଦେବା ସହ ସାନିଟାଇଜର୍‌ର ବ୍ୟବହାର ଯେତେ ସମ୍ଭବ କମ୍ କରନ୍ତୁ। ସେହିପରି କୁହାଯାଏ, ଯେଉଁମାନେ ସ୍ମୋକିଂ କରନ୍ତି, ସେମାନଙ୍କ ହାତରେ ଖୁବ୍ ଶୀଘ୍ର ରିଙ୍କଲ୍ସ ଆସିଥାଏ। ତେଣୁ ଏସବୁ ପ୍ରତି ଯତ୍ନବାନ ହେଲେ ହାତ ସର୍ବଦା ସୁନ୍ଦର ତଥା ଆକର୍ଷଣୀୟ ଲାଗିଥାଏ।



## ପାଠକୀୟ

* ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର ଉତ୍କଳଗୌରବ ମଧୁସୂଦନ ଦାସ କେବଳ ଓଡ଼ିଶା କଥା ହିଁ ଭାବୁଥିଲେ। ହେଲେ ତାଙ୍କ ଆବର୍ତ୍ତମାନରେ ସେ ଏବେ କେମିତି ଅଛନ୍ତି ଓଡ଼ିଶାବାସୀଙ୍କ ସ୍ମୃତିରେ ତାହାକୁ ନେଇ ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମଧୁସ୍ମୃତିରେ' ଟି ଅତି ଚମତ୍କାର ହୋଇଥିଲା। 'କେଉଁ ବୃକ୍ଷ କେତେ ଉପକାରୀ', 'କାକୁଡ଼ି ଜୁସ୍‌ର ଫାଇଦା' ଆଦି ପାଠ ଦୁଇଟିରୁ ଅନେକ କିଛି ଶିଖିବାକୁ ମିଳିଲା।

***-ମନୋରମା ମିଶ୍ର, ଚନ୍ଦନପୁର, ପୁରୀ***

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ମଧୁସ୍ମୃତିରେ' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ଏଥିରୁ ମଧୁବାବୁଙ୍କ ଜନ୍ମସ୍ଥାନ, ତାଙ୍କର କେଉଁଠି କେଉଁଠି ସଂଗ୍ରହାଳୟ ରହିଛି, ସେ କ'ଣ ସବୁ ଉଲ୍ଲେଖନୀୟ କାମ କରିଛନ୍ତି, ସେ ସମ୍ପର୍କରେ ଅନେକ କିଛି ଅଜଣା କଥା ଜାଣିହେଲା। ଏଥରର ଚିନ୍ମୟ ଚିନ୍ତନ 'ମୃତ୍ୟୁ ମିତ୍ରର ଚିଠି' ଅତ୍ୟନ୍ତ ଶିକ୍ଷଣୀୟ ବିଷୟ ଥିଲା।

***-ଦୈତାରୀ ପଣ୍ଡା, ଝାରପଡ଼ା, ଭୁବନେଶ୍ୱର***

* ବ୍ୟକ୍ତିତ୍ୱ ପୃଷ୍ଠାରୁ ନାଟ୍ୟକାର, ନାଟ୍ୟ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ, ସଂଳାପକାର, ଗୀତିକାର ତଥା ସଙ୍ଗୀତ ସଂଯୋଜକ ରଣଜୀତ୍ ପଟ୍ଟନାୟକଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଫେରିବାର ବାଟ' ନାମକ ଗପଟି ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା। ସିନେମା ପୃଷ୍ଠାଟି ମଧ୍ୟ ଚମତ୍କାର ଥିଲା।

***-ସୁରେଶ ଚନ୍ଦ୍ର ନାୟକ, ବଡ଼ବିଲ, କେନ୍ଦୁଝର***

* ପ୍ରଥମ ରୋଜଗାର ସ୍ତମ୍ଭରୁ 'ସାମାଜିକ କର୍ମୀ ସଂଗ୍ରାମ କେଶରୀ ସାମନ୍ତରାୟ'ଙ୍କ ରୋଜଗାର ସମ୍ପର୍କିତ ଆଲେଖ୍ୟଟି ବେଶ୍ ମର୍ମସ୍ପର୍ଶୀ ଥିଲା। ସାଥୀର ଉତ୍ତର ମଧ୍ୟ ମନଛୁଆଁ ହୋଇପାରିଥିଲା। 'ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍' ପାଠଟିରୁ ଲାଇଫ୍‌ଷ୍ଟାଇଲ୍‌ର ଏକ ନୂଆ ଟ୍ରେଣ୍ଡ ସମ୍ପର୍କରେ ଜାଣିହେଲା। ମଡେଲ୍ ମିରର୍‌ରେ 'ଅଭିସ୍ପା' ଖୁବ୍ ସୁନ୍ଦର ଦେଖାଯାଉଥିଲେ।

***-ରାଜନନ୍ଦିନୀ ସେନାପତି, ମୟୂରଭଞ୍ଜ***

* ଏଥରର ସହର ପୃଷ୍ଠାରୁ 'ଖରାଦିନେ ଜଳକ୍ରୀଡ଼ାର ଅନୁଭବ କିପରି ହୋଇଥାଏ' ସେ ସମ୍ପର୍କରେ ଅନେକ କିଛି ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ '୫ ମିନିଟ୍‌ରେ ଚିହ୍ନିଲେ ୧୫୦ ଦେଶର ପତାକା' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମେରିଗୋଲ୍ଡ ଡାଇମଣ୍ଡ ରିଙ୍ଗ', 'ଏରୋପ୍ଲେନ୍ ହ୍ୟାଣ୍ଡବ୍ୟାଗ୍‌ର ମୂଲ୍ୟ ଏରୋପ୍ଲେନ୍‌ଠୁ ବେଶି' ଏବଂ 'ପେନ୍‌ରେ ଜୀବନ୍ତ ପରଜୀବୀ କୃମି' ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା। ଅନ୍ୟପକ୍ଷେ ଅଜବ ଚେୟାର୍ ସମ୍ପର୍କରେ ମଧ୍ୟ ଏଥରର ଛୁଟିଦିନରୁ ଜାଣିବାକୁ ମିଳିଲା।

***-ରାଜେନ୍ଦ୍ର କୁମାର ବରାଳ, ଷ୍ଟେଶନ ବଜାର, ଖୋର୍ଦ୍ଧା***

## ବିଶେଷ ଚିଠି



ଛୁଟିଦିନ ତୁମେ ଛୁଟିଦିନ
ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ।
ପ୍ରଚ୍ଛଦ ତୁମର ଅତି ଚମତ୍କାର
କିଣିନିଏ ମନ ସଭିଙ୍କର।
ବାସ୍ତୁ ଦେଇଥାଏ ଅନେକ ବାର୍ତ୍ତା
ଚିନ୍ମୟ ଚିନ୍ତନ ଦେଖାଏ ନୂଆ ରାସ୍ତା।
ସୃଜନରେ ଥାଏ ଗପ ଓ କବିତା
ସିନେମା ଜଣାଏ ସେଲିବ୍ରିଟିଙ୍କ କଥା।
ଷୋହଳ ପୃଷ୍ଠାରେ ତୁମ ଶୋଭା ମଣ୍ଡିତ
ଆସୁଥାଅ ତୁମେ ଏମିତି ନିୟମିତ।

**-ଗୋପାଳ କୃଷ୍ଣ ଭଞ୍ଜ, ଫୁଲନଖରା, କଟକ**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମମତାର ପ୍ରତିମୂର୍ତ୍ତି





ଯଦି ଈଶ୍ୱରଙ୍କୁ ଖୋଜିବାର ଅଛି ତେବେ ପ୍ରଥମେ ମାଆ ଭିତରେ ତାଙ୍କର ସ୍ୱରୂପ ଖୋଜିବା ଜରୁରୀ। ଜୀବନର ଅଜ୍ଞାତ ସ୍ରଷ୍ଟା କିଏ ଅଛନ୍ତି କି ନାହିଁ ତା'ଠାରୁ ବଡ଼ କଥା ହେଲା ପ୍ରାଣୀର ଜୀବନ ମାଆ ମାଧ୍ୟମରେ ହିଁ ଏ ସଂସାରକୁ ଆସିଥାଏ। ହେଲେ କେବଳ ଜୈବ ଦୃଷ୍ଟି କୋଣରୁ ଜନ୍ମ ଦେବାରେ ସୀମିତତା କ'ଣ ମାତୃତ୍ୱ ? ମାତୃତ୍ୱର ସ୍ୱରୂପ ଓ ବିସ୍ତାର ଅନେକ। ଜନ୍ମ ନ ଦେଇ ମଧ୍ୟ ଲାଳନପାଳନ କରିବା, ସେବା କରିବା, ନିଜକୁ ନିଃଶେଷ କରି ଅନ୍ୟକୁ ସମୃଦ୍ଧ କରିବା ମାତୃତ୍ୱର ରୂପ। ସେ ସେବା ଓ ଦେବାରେ ନ ଥାଏ ପ୍ରାପ୍ତିର କୌଣସି ଇଚ୍ଛା। ତାହା ମହାପ୍ରକୃତିର ଜୀବନଦାୟୀ ଉତ୍ସରୁ ଆସିଥାଏ। ସେହି ମାତୃତ୍ୱକୁ ବିକଳ୍ପ ମାତୃତ୍ୱ କୁହାଯାଇପାରେ। ବେଳେବେଳେ ପ୍ରାକୃତିକ ମାତୃତ୍ୱଠାରୁ ବିକଳ୍ପ ମାତୃତ୍ୱ ଢେର ଉର୍ଦ୍ଧ୍ୱସ୍ତରରେ ବୋଲି ପୁରାଣ, କିମ୍ବଦନ୍ତୀ ଓ ଇତିହାସରେ ଉପଲବ୍ଧ। ବିକଳ୍ପ ମାତୃତ୍ୱ କ୍ଷେତ୍ରରେ ଅନ୍ଧ ସନ୍ତାନ ମୋହ ଅପେକ୍ଷା ବେଶି ଥାଏ ଅନ୍ୟକୁ ଗଢ଼ିବାର ଓ ଆତ୍ମତ୍ୟାଗର ନମୁନା। ସେ ମଦର ଟେରେସା ହୁଅନ୍ତୁ କି ଶ୍ରୀମା, ଅବା ବାଜିରାଉତ ଛାତ୍ରାବାସର ମହୀୟସୀ କୃଷ୍ଣା ମହାନ୍ତି ଏକକ ମାଆ କସ୍ତୁରୀକା, ସେ ରୋଗୀଙ୍କୁ ସନ୍ତାନ ମନେ କରୁଥିବା ଡାକ୍ତର ମଞ୍ଜୁବାଳା ହୁଅନ୍ତୁ କି ଶିକ୍ଷାର୍ଥୀଙ୍କ ଅତି ପ୍ରିୟ ପଲ୍ଲୀ ମାଆ ସଭିଏଁ ଏହି ପରିପ୍ରେକ୍ଷୀରେ ଗୋଟିଏ ଗୋଟିଏ ସାର୍ଥକ ଉଦାହରଣ। ତେଣୁ ମାତୃତ୍ୱ ଦିବସରେ ବିକଳ୍ପ ମାତୃତ୍ୱକୁ ନେଇ ବିଶେଷ ପ୍ରତିବେଦନ।

**କୃଷ୍ଣା ମହାନ୍ତି, ସାମାଜିକ କର୍ମୀ:** ୧୯୪୬ ମେ ଏଗାର ତାରିଖ, ଅନୁଗୋଳଠାରେ ପ୍ରତିଷ୍ଠିତ ବାଜିରାଉତ ଛାତ୍ରାବାସ ଅନେକ ଦଶନ୍ଧି ଧରି ଦଳିତ, ବଞ୍ଚିତ ଓ ଆଦିବାସୀ ପିଲାଙ୍କର ଶିକ୍ଷା ପାଇଁ ଠିଆ ହୋଇଛି ଏକ ଆଶ୍ରୟସ୍ଥଳ ହୋଇ। ଏହାର ତତ୍ତ୍ୱାବଧାନ ପାଇଁ ପରିଣତ ବାର୍ଦ୍ଧକ୍ୟରେ ବି ଦିନରାତି ଏକାକାର କରି ଲାଗିଛନ୍ତି ଆଦରର ତିନୁ ଅପା ଓରଫ କୃଷ୍ଣା ମହାନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ବିପ୍ଳବିଣୀ ମାଳତୀ ଚୌଧୁରୀଙ୍କର ସୁକନ୍ୟା। ଆଦର୍ଶ ଶିକ୍ଷାବିତ୍, ସାମାଜିକ କର୍ମୀ କୃଷ୍ଣା ମହାନ୍ତି ନିଜର ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଗୁରୁତର ସମସ୍ୟାକୁ ଖାତିର ନ କରି ପିଲାଙ୍କ ସାମଗ୍ରିକ ବିକାଶ କିପରି ହୋଇପାରିବ ସେଥିପ୍ରତି ସଦା ସଜାଗ ଥାଆନ୍ତି। ବେଳେବେଳେ ତ୍ୟାଗ ଓ ସେବାର ପ୍ରତିମୂର୍ତ୍ତି ତିନୁ ଅପାଙ୍କୁ ଦେଖିଲେ ଲାଗେ ପିଲାଙ୍କ ସହ ଅନୁଷ୍ଠାନର ମାଆ ସେ। ଶାନ୍ତି ନିକେତନର ଢାଞ୍ଚାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ପିଲାଙ୍କୁ ସେମାନଙ୍କର ଶୈଶବର ସ୍ୱଚ୍ଛନ୍ଦତା ଓ କୈଶୋରର ସ୍ୱପ୍ନ ପ୍ରବଣତା ଦିଏ । ସେମାନଙ୍କ ଭିତରର ସ୍ଫୁଲିଙ୍ଗ ଟିକକୁ ଶିଖାରେ ପରିଣତ କରିବା ଲାଗି କୃଷ୍ଣା ମହାନ୍ତି ଦିନ ରାତି ଏକାକାର କରି ଲାଗିଛନ୍ତି । ଅଶୀ ପାଖାପାଖି ବୟସରେ ତାଙ୍କ ମୁହଁରେ କ୍ଳାନ୍ତିର ଲେଶ ମାତ୍ର ଚିହ୍ନ ଦେଖିବାକୁ ମିଳେ ନାହିଁ। ସଂକଳ୍ପ ଓ ଅଧ୍ୟବସାୟକୁ ଆଧାର କରି ପିଲାଙ୍କ ପାଇଁ କାମ କରୁଥିଲାବେଳେ ମାତୃତ୍ୱର ଦିବ୍ୟ ଆଭାରେ ତାଙ୍କ ମୁହଁ ଉଜ୍ଜ୍ୱଳି ଉଠୁଥାଏ । ଅରଟରେ ସୂତା କାଟିବାଠାରୁ ଆରମ୍ଭ କରି ପିଲାଙ୍କୁ ନୃତ୍ୟ, ଚିତ୍ରକଳା, ସଙ୍ଗୀତ ଶିଖେଇବା ଯାଏ ସବୁକାମରେ ସେ ଏବେ ବି ତତ୍ପର। ତାଙ୍କ ହିସାବରେ ମାଆ କହିଲେ କେବଳ ଏକ ଜୈବ ପ୍ରଜନନ ପ୍ରକ୍ରିୟାର ମାଧ୍ୟମ ନୁହେଁ । ମାତୃତ୍ୱ ବହୁ ଆୟତନ ବିଶିଷ୍ଟ । ଜଣେ ମାଆ ଅନ୍ୟ ଭିତରେ ସ୍ୱପ୍ନ ସଂକଳ୍ପ ଓ ସାଧନା ଉଜାଗର କରାଇପାରେ । ମାତୃତ୍ୱର ସ୍ୱରୂପକୁ କାର୍ଯ୍ୟକ୍ଷେତ୍ରରେ ସେ କିଭଳି ଦେଖନ୍ତିର ଉତ୍ତରରେ ଅକପଟ ବିଚାର ଓ ପ୍ରେମ ଉପରେ ଗୁରୁତ୍ୱ ଦେଇଥିଲେ ।

**ମାଆମାନଙ୍କୁ ଖଣ୍ଡାଧାରରେ ବାଟ ଚାଲିବାକୁ ହୁଏ**

ଯେହେତୁ ମୁଁ ସାଢ଼େ ତିନିବର୍ଷ ବୟସରୁ ସାଢ଼େ ଛ' ବର୍ଷ ହେବା ଯାଏ ମା'ଠାରୁ ଅଲଗାହୋଇ ରହିବାର ବେଦନା ଭୋଗିଥିଲି। ତେଣୁ ମା'କୁ ପାଇବା ପରେ ସେ ଗୋଟା ପଣେ ମୋର ବୋଲି ଭାବୁଥିଲି, କିନ୍ତୁ କିଛିଦିନ ପରେ ବାଜିରାଉତ ଛାତ୍ରାବାସ ଆରମ୍ଭ ହେବା ପରେ ମୋ' ମା' ଯେତେବେଳେ ସବୁ ପିଲାମାନଙ୍କୁ ସମାନ ସ୍ନେହ ଦେବାର ଦେଖିଲି, ସେ ବୟସରେ ମୋର ବାଦ ହେଉଥିଲା। ମୁଁ ପ୍ରତିବାଦ ମଧ୍ୟ କାନ୍ଦି, ଅଝଟ ହୋଇ କରୁଥିଲି। ମା' ମୋତେ ଏକୁଟିଆ ବେଳେ ବୁଝାଉଥିଲେ। କ୍ରମେ ବୟସ ବଢ଼ିବା ସହିତ ମୁଁ ମଧ୍ୟ ଧୀରେ ଧୀରେ ବୁଝି ପାରିଲି। ମା' ଅନ୍ୟମାନଙ୍କୁ ଭଲ ପାଇବା ଦ୍ୱାରା ମୋତେ ଯେ କମ୍ ଭଲ ପାଉଛନ୍ତି ତା' ନୁହେଁ ; ମାତୃସ୍ନେହ ଯେ କିପରି ତାହା ମୁଁ ଆମ ବୋଉ ମା' ରମାଦେବୀ ଓ ନୁମା ମାଳତୀଦେବୀଙ୍କ ଠାରେ ଦେଖି ଜାଣିଲି ଯେ ମା' ଯେତେ ଅଧିକ ଲୋକଙ୍କୁ ସ୍ନେହ ଦେବ ତା' ପାଖରେ ସ୍ନେହର ମାତ୍ରା ସେତେ ବଢ଼ି ଚାଲିବ। ନିଜେ ଚାରିଟି ସନ୍ତାନର ମା' ହେବା ପରେ ମମତା କ'ଣ ଜାଣିଲି ଓ ପ୍ରତି ପିଲାଙ୍କ ପାଇଁ ତା' ଅନୁଭବ କଲି। ସେଥିରୁ ଯେଉଁ ସ୍ୱର୍ଗୀୟ ଆନନ୍ଦ ମିଳେ ତାହା ବି ଅନୁଭବ କଲି। ଆମର ୨୦ ବର୍ଷର ପୁଅକୁ ହରାଇବା ପରେ ଯେପରି ମୋ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଥିଲା, ଛାତ୍ରାବାସର ମା' ହରାଇଥିବା ପିଲାମାନଙ୍କୁ କୋଳେଇ ନେଇ ସାନ୍ତ୍ୱନା ପାଇଲି। ପିଲାମାନଙ୍କ ହସ କାନ୍ଦରେ ସାମିଲ୍ ହୋଇଗଲି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ପ୍ରକୃତରେ ମା' ପାଖରେ ଭେଦଭାବ ରହେନାହିଁ କି ପକ୍ଷପାତିତା ରହେନାହିଁ। ସେପରି ହେଲେ ତା'ର ମାତୃଶକ୍ତିରେ କଳଙ୍କ ଲାଗିଯାଏ। ନିଜ ସନ୍ତାନ ଓ ଅନ୍ୟର ସନ୍ତାନ ଭିତରେ ପକ୍ଷପାତିତା ମଧ୍ୟ ମା' ପକ୍ଷରେ ଅନ୍ୟାୟ। ମା'ମାନଙ୍କୁ ଖଣ୍ଡା ଧାରରେ ବାଟ ଚାଲିବାକୁ ପଡ଼େ।

**ମଞ୍ଜୁବାଳା ପଣ୍ଡା, ଡାକ୍ତର:** ସେ ଲେଖନ୍ତର, 'ମାତୃତ୍ୱ ତୋର ତ ଆହୁରି ନିଆରା /ସତେ ଅବା ପବିତ୍ର ମନ୍ଦାକିନୀର ଶତ ସହସ୍ର ଧାରା/ଅରମା ବୁଦା ତଳୁ ଅନାଥଟିଏ ସାଉଁଟି ନେଇ ଛାତିରେ ଜାକି ଧରି କହୁ 'ମୁଁ ମାଆ'/ଅସହାୟଟିଏ ବିକଳରେ ଡାକିଲେ ଆହ୍ଲାଦରେ 'ଓ' କରି କହୁ – 'ମୁଁ ମାଆ'/ଭୋକିଲା ପେଟର ତତଲା ଲୁହକୁ ପଣତରେ ପୋଛି ତା'

→





କୃଷ୍ଣା ମହାନ୍ତି





ତୁଣ୍ଡରେ ଢୋକେ ଦେଇ କହୁ , 'ମୁଁ ମାଆ'/ଅତଏବ୍ ... ସନ୍ତାନକୁ ଗର୍ଭରେ ନ ଧରି ବି ତୁ ମା' ହୋଇପାରୁ/ସନ୍ତାନକୁ ବୁକୁର ଅମୃତ ନ ଚଖେଇ ବି ତୁ ମା' ହୋଇପାରୁ/ଆଃ ...ମାଆ... 'ତୁ' ହିଁ କେବଳ 'ତୁ' ହୋଇପାରୁ। ମାତୃତ୍ୱକୁ ଯେତିକି ଫୁଟେଇ ପାରନ୍ତି କଲମରେ ହୁଏତ ତା'ଠାରୁ ଢେର ଅଧିକ ଜିଅନ୍ତି ଡାକ୍ତର ମଞ୍ଜୁବାଳା ପଣ୍ଡା ନିଜ ପରିବାରରେ, କର୍ମକ୍ଷେତ୍ରରେ , ତାଲିକାଭୁକ୍ତ ହେଉ ନ ଥିବା ଅଖଣ୍ଡ ସଂସାରରେ । ମହାମାରୀ ହେଉ କି ଅତିମାରୀ ଅଥବା ସର୍ଦ୍ଦି, ରକ୍ତଚାପ କି କୌଣସି ଗମ୍ଭୀର ବେମାରୀ ଡାକ୍ତର ପଣ୍ଡାଙ୍କର ଅଭୟ ହାତ ଲମ୍ବି ଆସେ ଉପଶମ ଦେବାପାଇଁ । ଯେକୌଣସି ମୁହୂର୍ତ୍ତରେ ତାଙ୍କୁ ଫୋନ କରିହେବ, ଲୋଡ଼ି ହେବ । ହସନ୍ତି ମୁହଁରେ, ସେ ଥାଆନ୍ତି ସଦା ପ୍ରସ୍ତୁତ । ମାଆର ପଣତ ଭଳି ତାଙ୍କ ବିଶ୍ୱାସ ପୋଛି ପକାଏ ରୋଗୀର ମାନସିକ ଚାପକୁ । ପରିବାରରେ ଜନନୀର ଦାୟିତ୍ୱ ନିଷ୍ଠା ଓ ଶୃଙ୍ଖଳାର ସହ ସମ୍ପାଦନା କରିବା ସହିତ ବୋହୂ କି ପତ୍ନୀର କର୍ତ୍ତବ୍ୟ ତୁଲାଇଲା ବେଳେ ବି ସେ ମାତୃତ୍ୱର ସୁଖକୁ ଉପଲବ୍ଧିରେ ଆଣିଛନ୍ତି ବୋଲି କୁହନ୍ତି ଆବେଗପ୍ରବଣ ହୋଇ। ଖବର ଥାଇ , ଖବର ନ ଥାଇ ଗାଁକୁ ଗାଁ ବୁଲି ଲୋକଙ୍କୁ କୁଶିକ୍ଷା ଓ ଅନ୍ଧବିଶ୍ୱାସର ଅନ୍ଧାରରୁ ବାହାର କରି ସମାଧାନର ଆଲୋକ ଦେଖେଇବାକୁ ଯତ୍ପରୋନାସ୍ତି ଚେଷ୍ଟା କରି ଆସୁଛନ୍ତି ଡାକ୍ତରୀ ସେବାକୁ ଜୀବନର ବ୍ରତ କଲା ଦିନୁ । ତାଙ୍କ ପାଇଁ ମାତୃତ୍ୱର ସ୍ୱରୂପ କିଭଳି ପ୍ରଶ୍ନର ଉତ୍ତରରେ ସେ ଦିଅନ୍ତି ଲୁହଭିଜା ଉତ୍ତର, ଯାହାକୁ ପଢ଼ିଲେ ଯେ କୌଣସି ମଣିଷର ହୃଦୟ ଦ୍ରବୀଭୂତ ହୋଇଯିବ ।

**ପତ୍ନିତ୍ୱ ମଧ୍ୟରେ ମାତୃତ୍ୱର ନିଆରା ଓ ନିବିଡ଼ ଅନୁଭୂତି**

ମା' – ଗୋଟିଏ ଅକ୍ଷରର ନାଁ । ହେଲେ ଏତେ ଆବେଗ,
ଏତେ ଅନୁରାଗ !! ଏତେ ଓଦାପଣ, ଏତେ ମିଠାପଣ !

ଜନ୍ମଦାତ୍ରୀ ହେବାର ଦାୟରେ ଜନନୀଟିଏ ନିଜ ଜନ୍ମିତ ସନ୍ତାନମାନଙ୍କୁ ମାତୃତ୍ୱରେ ପ୍ଳାବିତ କରିବା ତ ନିଧାର୍ଯ୍ୟ। ତା' ବ୍ୟତିରେକ ମୁଁ ମାତୃତ୍ୱ ଅନୁଭବିଛି ବିଶେଷ କରି – ତମାମ୍ ଜୀବନ ମୋ ରୋଗୀମାନଙ୍କୁ ଅନ୍ତରଙ୍ଗ ଭାବରେ ଚିକିତ୍ସା କଲାବେଳେ ଓ ମୋ ସହକର୍ମୀ ତଥା ଅନ୍ୟାନ୍ୟ ଷ୍ଟାଫମାନଙ୍କ ସହ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ହୋଇ ବିଭିନ୍ନ ପବ୍ଲିକ୍ ହେଲ୍ଥ ପ୍ରୋଗ୍ରାମ୍‌ରେ ମିଳିମିଶି କାମ କରିବାବେଳେ। ପତ୍ନୀ ଭାବରେ ମାତୃତ୍ୱକୁ ଅନୁଭବିବା ମୋ ଜୀବନର ସବୁଠାରୁ ବଡ଼ ଅମୃତମୟ ଉପଲବ୍ଧି। ଡାଇବେଟିସ୍ ଓ ତଜ୍ଜନିତ ଅନେକ ଆନୁଷଙ୍ଗିକ ରୋଗରେ ପୀଡ଼ିତ ମୋ ଶଯ୍ୟାଶାୟୀ ସ୍ୱାମୀଙ୍କର ଶେଷ ଦୁଇ ବର୍ଷର ଅବସ୍ଥା ଅବର୍ଣ୍ଣନୀୟ। ଏଣେ ପୁଣି ଆଲ୍‌ଜିମର୍ ରୋଗ ସାଙ୍ଗକୁ ଅଣ୍ଟା ହାଡ଼ ଭାଙ୍ଗି ବେଡ୍ ସୋର୍। ପ୍ରବଳ ପରାକ୍ରମୀ ଏକ ଦକ୍ଷ ଶଲ୍ୟ ଚିକିତ୍ସକଙ୍କ ଏମିତିକା ଦୟନୀୟ ଅବସ୍ଥା – ଦେଖିବା ଲୋକ ଲୁହ ଲୁହ ହୋଇଯା'ନ୍ତି। ମୁଁ ସେତେବେଳେ ସତସତିକା ମା'ଟିଏ ତାଙ୍କର। ତାଙ୍କ 'ମା' ଡାକରେ ମୋ ରାତି ପାହେ। ତାଙ୍କୁ ବ୍ରସ୍ କରେଇବା, ଡାଇପର୍ ବଦଳେଇବା, ସ୍ପଞ୍ଜିଂ କରି ଦେହ ମୁହଁରେ ପାଉଡର୍ ଲଗେଇବା, ଫୁଙ୍କି ଫୁଙ୍କି ଚା' ବିସ୍କୁଟ୍ ଖୁଆଇ ସମୟ ଅନୁସାରେ ମୁଠା ମୁଠା ଔଷଧ ଦବା, ଭୁଲେଇ ଭୁଲେଇ କୁନି କୁନି ଭାତ ଗୁଣ୍ଡା ଖୁଆଇବାଠୁ ନେଇ ରାତି ଆସ୍ତେ ଆସ୍ତେ ପିଠି ଥାପୁଡେଇ ଶୁଆଇବା ହିଁ ମୋର ନିତିଦିନିଆ ଦିନଚର୍ଯ୍ୟା ଥିଲା। ସାରାଦିନର କ୍ଳାନ୍ତିରେ ମୋ ଆଖିକୁ ନିଦ ଆସି ତାଙ୍କ ଉପରୁ ହାତ ଖସିଗଲେ ଖନେଇ ଖନେଇ ଚିତ୍କାର କରନ୍ତି – ମୋତେ ଛାଡ଼ି କୁଆଡ଼େ ଗଲୁ। ମୋତେ ଡର ଲାଗୁଛି। ମରିଯିବି ମୁଁ। ମୋ ଉପରେ ତାଙ୍କର ଶତ ପ୍ରତିଶତ ନିର୍ଭରଶୀଳତା ଓ ତାଙ୍କର ଅସହାୟପଣିଆ ମୋତେ ଲୁହେଇ ଦିଏ। ଚିରି, କୋରି, ବିଦାରି ହୋଇଯାଏ ମୁଁ। ଠାକୁରଙ୍କୁ ଗୁଣୁଗୁଣୁ ହୋଇ ଗୁହାରେ। ହାତ ଯୋଡ଼େ। ମୋ ମଥା ଉପରେ ଥିବା ଗୁରୁଜନଙ୍କ ଆଶୀର୍ବାଦ – ''ଅହ୍ୟ ସୁଲକ୍ଷଣୀ ହେଇଥା ମାଆ। କାଚ ତୋର ବଜ୍ର ହଉ। ଦାଉଦାଉ ଝଟକୁଥାଉ ସିନ୍ଦୂର'' – ଏ ଆଶିଷ ଫେରେଇନିଅ ଠାକୁରେ। ମୁଁ ଅଲକ୍ଷଣୀ ହୁଏ ପଛେ ଏ ନିପାରିଲା ମଣିଷଟିର ଜୀବନ ଥିବା ଯାଏ ମୋତେ ଜିଆଁଇ ରଖିବ ପ୍ରଭୋ। ଅହ୍ୟ ଡେଙ୍ଗୁରା ପିଟି ଯିବାର ଗୌରବ ଲୋଡ଼ା ନାହିଁ ମୋର। ଏହା ହିଁ ଥିଲା ନିଷ୍ଠୁର ସତ୍ୟ। ଜଣାନାହିଁ ଏମିତି ଏକ ସୃଷ୍ଟିଛଡ଼ା ମାଗୁଣି କରି ମୁଁ ପାପ ଅର୍ଜିଲି କି ପୁଣ୍ୟ! କାଲି ନୁହଁ – ମୁଁ ଲୁହରେ ଲେଖୁଛି ଏଇ ଅଭିଲିପି। ସତରେ ମାତୃତ୍ୱ ତ ଆଦରରେ ଓଦା ଓଦା ଏକ ଆବେଗମୟ ଉତ୍ସର୍ଗ!!!

**କସ୍ତୁରୀକା ମିଶ୍ର, ସାହିତ୍ୟିକା:** ପୁରୀ ସହରର ଝିଅ କସ୍ତୁରୀକା ମିଶ୍ର ଜଣେ ପ୍ରଶିକ୍ଷଣପ୍ରାପ୍ତ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା । ଗଜଲ ଓ ଓଡ଼ିଶୀ ଗାୟନ ଶୈଳୀରେ ତାଲିମପ୍ରାପ୍ତ କସ୍ତୁରୀକା ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସରେ ଜଣେ ବରିଷ୍ଠ ଲାଇବ୍ରେରିଆନ ଭାବରେ କାର୍ଯ୍ୟ କରନ୍ତି। ମୁଖ୍ୟତଃ ସାମାଜିକ ଗଣମାଧ୍ୟମରେ ଇଂଲିଶ, ଓଡ଼ିଆ, ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ କବିତା ଲେଖି ବେଶ୍ ପାଠକୀୟ ଆଦର ହାସଲ କରିଥିବା କସ୍ତୁରୀକା ମିଶ୍ରଙ୍କ ନିଆରା ବ୍ୟକ୍ତିତ୍ୱ ଯଥେଷ୍ଟ ଆକର୍ଷଣୀୟ। ପନ୍ଦର ବର୍ଷ ତଳେ ଶିଶୁକନ୍ୟାକୁ ପୋଷ୍ୟପୁତ୍ରୀ ଭାବରେ ଗ୍ରହଣ କରିଥିବା ଅବିବାହିତା କସ୍ତୁରୀକା ଜଣେ ସାର୍ଥକ ମାଆର ସଫଳ ଉଦାହରଣ। ମିହୀକା ତାଙ୍କର ଏହି କନ୍ୟାସନ୍ତାନର ନାମ ; ଯିଏ ତା'ର ନାମ ଭଳି ସ୍ୱଚ୍ଛ ଓ ସୁନ୍ଦର। କସ୍ତୁରୀକା ବିଶ୍ୱାସ କରନ୍ତି, ମାତୃତ୍ୱ ନାରୀର ଜନ୍ମସିଦ୍ଧ ଅଧିକାର। ତାଙ୍କ ପାଇଁ ବିବାହ ପ୍ରସ୍ତାବ ଖୋଜା ଚାଲିଥିଲାବେଳେ ପ୍ରତିଭାମୟୀ କସ୍ତୁରୀକାଙ୍କୁ ତାଙ୍କ ପସନ୍ଦ ମୁତାବକ ଜୀବନସାଥୀ ଦୃଷ୍ଟିଗୋଚର ହେଉ ନ ଥାନ୍ତି । ଏଭଳି ପରିସ୍ଥିତିରେ ବିନା ପୁରୁଷରେ ମାଆ ହେବାର ଦମ୍ଭ ସେ ପୋଷଣ କରିଥିଲେ। ଆଉ ଏଥିପାଇଁ ଉପାୟ ହେଲା ପୋଷ୍ୟସନ୍ତାନ ଗ୍ରହଣ। ପ୍ରାରମ୍ଭିକ ପର୍ଯ୍ୟାୟରେ ବିବାହବିରୋଧୀ କସ୍ତୁରୀକାଙ୍କ କନ୍ୟାସନ୍ତାନକୁ ପୋଷ୍ୟ କରିବାର ଅଭିଳାଷ ବନ୍ଧୁ ଓ ପରିବାରବର୍ଗଙ୍କୁ ନାପସନ୍ଦ ହୋଇଥିଲେ ବି ଅସୁସ୍ଥ ପିତାଙ୍କ ପ୍ରେରଣା ତାଙ୍କୁ ଶକ୍ତି ଓ ଉତ୍ସାହ ଦେଇଥିଲା। ପୋଷ୍ୟ ଗ୍ରହଣ ପ୍ରକ୍ରିୟା ମଧ୍ୟ କିଛି କମ୍ କ୍ଳାନ୍ତିକର ନ ଥିଲା । ଶେଷରେ ତାଙ୍କୁ ଓଡିଶା ଆସି ଏକବର୍ଷ ଏକମାସ ବୟସର ମିହୀକାକୁ ଆପଣେଇବାକୁ ହେଲା। ଏବେ ମିହୀକାକୁ ପନ୍ଦର ବର୍ଷ ଏବଂ ଏହା ମଧ୍ୟରେ ମିହୀକା ବନ୍ଧୁ ଓ ପରିବାରବର୍ଗଙ୍କ ମନଜିଣି ପାରିଛି ବୋଲି ଗଭୀର ସନ୍ତୋଷ ବ୍ୟକ୍ତ କରନ୍ତି କସ୍ତୁରୀକା। କନ୍ୟାସନ୍ତାନ ପୋଷ୍ୟଗ୍ରହଣ କାହିଁକିର ପ୍ରଶ୍ନ ଉଠିଲେ ସେ କୁହନ୍ତି, ଝିଅ ହିସାବରେ ମୁଁ ବୁଝିପାରିଛି ଝିଅ ହିଁ ତୁମ ସହ ଅଧିକ ଭଲ ଭାବରେ ଚଳିପାରେ। ନିଜେ ଜଣେ ନାରୀ ହୋଇ ଯେଉଁଭଳି ପ୍ରତିକୂଳ ପରିସ୍ଥିତି ସହ ଠିଆ ହୋଇଆସୁଥିଲେ ଝିଅଟେ ହିଁ ଯଥାର୍ଥ ସଖ୍ୟ ଦେଇପାରିବ। ବିଦ୍ୟାଳୟରେ ଝିଅ ମିହୀକାକୁ ବାପାଙ୍କ ସମ୍ପର୍କରେ ସାଙ୍ଗସାଥୀ ପଚାରି ବସିଲେ ମାଆକୁ ନେଇ ଗର୍ବ କରିବାର ସଂସ୍କାର ଦେଇଛନ୍ତି କସ୍ତୁରୀକା।

→











ମଞ୍ଜୁବାଳା ପଣ୍ଡା


କସ୍ତୁରୀକା ମିଶ୍ର





କେବଳ ମାଆଙ୍କୁ ନେଇ  କସ୍ତୁରୀକାଙ୍କ ପାଇଁ ପରିବାରର ସଂଜ୍ଞା ବ୍ୟାପକ। ମାତୃସୁଲଭ  ହସଟିଏ ଖେଳେଇ କସ୍ତୁରୀକା କୁହନ୍ତି, ରକ୍ତସମ୍ପର୍କ ବାହାରେ ମଧ୍ୟ ପରିବାରବୋଧ ଅଛି। ମାତୃତ୍ୱର ସ୍ୱରୂପ ବଖାଣିବାକୁ ଯାଇ ସେ କୁହନ୍ତି, ସବୁଠି ମାଆପଣଟିଏ ଲୋଡ଼ା ତାକୁ ସୁସଙ୍ଗଠିତ କରି ରଖିବାକୁ ।

**ମାତୃତ୍ୱ ଆମ ଜୀବନଶୈଳୀରେ ସାମଗ୍ରିକ ପରିବର୍ତ୍ତନ ଆଣେ**

ତୁମେ ଯେତେବେଳେ ତୁମ ପରିବାରକୁ ଜଣେ ନୂଆ ସଦସ୍ୟକୁ ନିମନ୍ତ୍ରଣ କର ସେତେବେଳେ ଜୀବନ ଏକ ପୂର୍ଣ୍ଣ ବୃତ୍ତରେ ପରିଣତ ହୁଏ ଏବଂ ଜୀବନରେ ଏକ ନିଶ୍ଚିତ ପୂର୍ଣ୍ଣତା ଆସେ । ଈଶ୍ୱର ବୋଧହୁଏ ଚାହୁଁଥିଲେ ମୁଁ ଅନ୍ୟ ଏକ ଜୀବନ ଲାଗି ନିଜକୁ ବିନିଯୋଗ କରେ ତେଣୁ ପନ୍ଦର ବର୍ଷ ତଳେ ମୁଁ ଗୋଟିଏ ପିଲାକୁ ପୋଷ୍ୟ ଭାବେ ଗ୍ରହଣ କଲି । ନିଜ ରକ୍ତ ମାଂସ ବିନିମୟରେ ହେଉ କିମ୍ବା ଉଦ୍ଧାରକରା ମାତୃତ୍ୱ ତାହା ଆମ ଜୀବନ ଶୈଳୀରେ ସାମଗ୍ରିକ ପରିବର୍ତ୍ତନ ଆଣେ, ଅନେକ ସମଯୋଜନା ଆବଶ୍ୟକ ପଡ଼େ ଓ ଅର୍ଥପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼େ । ଏହା ହେଉଛି ନିଜ ଉପରୁ ଦୃଷ୍ଟି ହଟାଇ ଅନ୍ୟ ଜଣକ ଉପରେ ମାନଯୋଗ ପ୍ରଦାନ, ଯିଏ ତୁମ ଲାଗି ଉଭୟ ଖୁସିର କାରଣ ପୁଣି ଏକ ଗୁରୁ ଦାୟିତ୍ୱ । ମୁଁ ହୁଏତ ଜଣେ ଯଥାର୍ଥ ବ୍ୟକ୍ତି ବା ମା' ନ ହୋଇ ପାରେ କିନ୍ତୁ ମୁଁ ସମ୍ମୁଖୀନ ହୋଇଥିବା ସଂଘର୍ଷ କୌଣସି ପ୍ରାକୃତିକ ପିତାମାତାଙ୍କଠାରୁ କମ ନୁହେଁ । ବିଦ୍ୟାଳୟରେ ନାମ ଲେଖା, ସବୁ ପ୍ରକାରର ନାଚ, ଗୀତ, ଅଭିନୟ, ଖେଳ ଇତ୍ୟାଦିରେ ନିୟମିତ ପ୍ରଶିକ୍ଷଣ ଅନ୍ୟ ସବୁ ଘର ଭଳି କରାଗଲା । ବେଳେବେଳେ ଲାଗେ ତୁମେ ଅଭିଭାବକର ଦାୟିତ୍ୱ ଯଥାର୍ଥ ଭାବେ ତୁଲାଇଛ ତ, କିନ୍ତୁ ତାହା ବୋଧ ହୁଏ ସବୁ ମା' ମନର ଏକ ହୃଦୟ ଉଷ୍ମକାରୀ ତଥା ଭୟଯୁକ୍ତ ଅନୁଭବ ।






**ପଲ୍ଲୀଶ୍ରୀ ପଟ୍ଟନାୟକ, ଅଧ୍ୟାପିକା:**ସାହସ, ସମ୍ପୃକ୍ତି ଏବଂ ପ୍ରେମ ମାତୃତ୍ୱର ବିଭା ସମୂହ । ମାଆଟେ ହିଁ ଲଢ଼ିଯାଏ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ପିଲାଙ୍କୁ ସୁରକ୍ଷା ଦେବାପାଇଁ।  କିଛି ଲୋକ ଅଛନ୍ତି ବୋଲି ସାହସଟେ ଗଢ଼ି ହୁଏ । ପ୍ରତିରୋଧ କରିବାର ଯାବତୀୟ କଳା ସେ ଦେଖେଇ ପାରେ ଏବଂ ଅସମ୍ଭବ ସହ ଲଢ଼ି ଯାଏ । ଜନ୍ମିତ ସନ୍ତାନ ପାଇଁ ଯେଉଁଭଳି ନିଜ ଛାତ୍ରୀଛାତ୍ରଙ୍କ ପାଇଁ ତଦନୁରୂପ ଯତ୍ନ ଦେଖାଉଥିବା ପଲ୍ଲୀଶ୍ରୀ ପଟ୍ଟନାୟକ ପେସାରେ ଅଧ୍ୟାପିକା ଓ ସୁଲେଖିକା । ରାଜ୍ୟ ରେଡ଼କ୍ରସର ଜଣେ ଦକ୍ଷ କର୍ମୀ ହିସାବରେ ପିଲାଙ୍କ ସହ କାମ କରିବା ହେଉ କି ନିଜ ପ୍ରତିଷ୍ଠିତ ଶୈକ୍ଷିକ ୟୁଟୁବ୍ ଚ୍ୟାନେଲ, ନିଜ ବିଭାଗର ପିଲା ହୁଅନ୍ତୁ କି ଅଣଆନୁଷ୍ଠାନିକ ପ୍ରତିଷ୍ଠାନର କୋମଳମତି ଶିଶୁ ପଲ୍ଲୀଶ୍ରୀ ଆପଣେଇ ନିଅନ୍ତି ସଭିଙ୍କୁ ମାତୃତ୍ୱର ଅନୁରାଗରେ । ଆତଙ୍କିତ 'ନାହିଁ' ମାନଙ୍କ ପାଇଁ ପ୍ରେରଣାଦାୟୀ 'ହଁ'ମାନ ତିଆରି କରିବାକୁ ସେ ପଢୁଥାନ୍ତି ପିଲାଙ୍କୁ , ସାହିତ୍ୟକୁ , ନିଗାଡି ଦଉଥାନ୍ତି ନିଜକୁ ସମାଜସେବାରେ, ପ୍ରେରଣା ଦେଉଥାନ୍ତି ସାହସ ଠୁଳ କରି ପାରୁ ନ ଥିବା ବ୍ୟକ୍ତିସତ୍ତାରେ । ମାଆ ଆଉ କିଏ ଯେ ଯିଏ ନିଜକୁ ଅଜାଡ଼ି ଦେଇପାରେ ପରାର୍ଥେ ଜୀବନକୁ ବ୍ରତ କରି । ମାତୃତ୍ୱର ସ୍ୱରୂପକୁ ବଖାଣିବାକୁ ଯାଇ ଭାବପ୍ରବଣ ହୋଇପଡନ୍ତି ପଲ୍ଲୀଶ୍ରୀ ।

**ମୋ ମାତୃତ୍ୱକୁ ପୂର୍ଣ୍ଣ କରିଛନ୍ତି ମୋର ଛାତ୍ରଛାତ୍ରୀ**

ମୋର ଚାକିରି ତ ସାହିତ୍ୟବିଦ୍ଦିର ତେଣୁ ସ୍ୱାଭାବିକ ଭାବରେ ମୋ ଭିତରେ ଆଜନ୍ମରୁ ସଞ୍ଚିତ ମାତୃତ୍ୱ ଅବାରିତ ଭାବରେ ଢାଳି ହୋଇଯାଇଚି ମୋ ଛୁଆଙ୍କ ଭିତରେ। ମୋ କଲେଜର ପିଲାଏ କେହି ମାଡାମ ଡାକିଲେ ମୋତେ ଭଲ ଲାଗେନି, ସେମାନେ ମୋତେ ମାଆ ଡାକୁ ଡାକୁ କେବେ ଯେ ପଲ୍ଲୀମାଁ ହୋଇଗଲି ଜାଣିପାରିନି। ଆମ କଳାହାଣ୍ଡିରେ ପିଲାଏ ନମସ୍କାର କରନ୍ତନି, ପାଦ ଛୁଅନ୍ତି, ସେମାନଙ୍କ ସ୍ନେହ, ପ୍ରେମ , ଭଲପାଇବାରେ ମୁଁ ବାନ୍ଧିହୋଇଯାଇଚି । ମୁଁ କେବେ କାର୍ଯ୍ୟକ୍ଷେତ୍ର ବୋଲି ମୋ ଚାକିରିକୁ ଭାବିନି, ସ୍ୱର୍ଗ ବୋଲି ଭାବିଚି ; ଯେଉଁଠି ପିଲାଙ୍କୁ ପାଠ ପଢ଼ଉ ପଢ଼ଉ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଯାଇଛି, ସେମାନେ ବି ମୋ ଜୀବନ ସହ ଓତପ୍ରୋତ ଭାବେ ଜଡିତ ହୋଇଯାଇଛନ୍ତି । କରୋନା ସମୟରେ ଯେତେବେଳେ କ୍ଲାସରୁମ ବନ୍ଦ ହୋଇଗଲା ମୁଁ ଅନୁଭବ କଲି ମୋର ଗୋଟେ ଅଙ୍ଗ ଅଚଳ ହୋଇଯାଉଚି ଧୀରେଧୀରେ । ପିଲାଙ୍କ ମା' ଡାକ ମୋତେ ସବୁବେଳେ ବ୍ୟତିବ୍ୟସ୍ତ କଲା, ଉପାୟ ଖୋଜିଲି। ପ୍ଲସଟୁ ଠାରୁ ପିଜି ଯାଏ ଅନ୍‌ଲାଇନରେ, ୟୁ-ଟ୍ୟୁବ ମାଧ୍ୟମରେ ପିଲାଙ୍କୁ ବି ପଢ଼େଇବା ଆରମ୍ଭ କଲି। ଆଜି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ହଜାର ହଜାର ପିଲାଙ୍କର ମା' ଡାକରେ ମୋର ଅନ୍ତର ପୂରିଯାଉଛି। ହଜାର ହଜାର ପିଲାଙ୍କ ଭିତରେ ମୋ ଛୁଆକୁ ମୁଁ ପାଇଛି । ସବୁ ଛାତ୍ରୀ/ଛାତ୍ରଙ୍କ ଭିତରେ ମୋ ଛୁଆର ମୁହଁ ଦେଖିଚି। ସାଧ୍ୟମତେ ଯେତିକି ପାରିଛି ପିଲାକୁ ସାହାଯ୍ୟ କରିଛି। ଦେଶ ପାଇଁ ଜାତି ପାଇଁ ଗଢିବାକୁ ଚେଷ୍ଟା କରିଛି। ଏ ଜୀବନ କାଳ ଭିତରେ ସବୁଠୁ ମଧୁର -ସ୍ୱର୍ଗୀୟ ଅନୁଭବ ହେଉଛି ମା' ହେବା ଆଉ ପିଲାଙ୍କ ଭିତରେ ନିଜକୁ ବାଣ୍ଟିଦେଇ ନିଃଶେଷ ହୋଇଯିବା ଯାହା ବୋଧହୁଏ ମୁଁ ପାରିଛି । ପଛକୁ ଫେରି ଚାହିଁ ଦେଖୁଚି ମୁଁ ଗୋଟେ ଛୁଆକୁ ଜନ୍ମ ଦେଇ ମାତୃତ୍ୱ ପାଇଛି, ଧନ୍ୟ ହେଇଛି ଆଉ ମୋ ଛାତ୍ରୀ/ଛାତ୍ରମାନେ ସେ ମାତୃତ୍ୱକୁ ପରିପୂର୍ଣ୍ଣ କରିଛନ୍ତି। ମୁଁ କୃତଜ୍ଞ ।



**-ମାନମୟୀ ରଥ**
*ସେଣ୍ଟଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ*
*ମୋ-୭୯୭୮୫୭୯୩୯୯*



ପଲ୍ଲୀଶ୍ରୀ ପଟ୍ଟନାୟକ

# ଗୀତ ପାଇଁ ଗୀତା



ଦୀର୍ଘ ୫ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ରେଡ଼ିଓ, ଟିଭି ଓ ଚଳଚ୍ଚିତ୍ରରେ ଭଜନ, ଜଣାଣ, ଗୀତ ଓ ସୁଗମ ସଙ୍ଗୀତରେ ତାଙ୍କ କଣ୍ଠସ୍ୱର ସବୁବର୍ଗର ଶ୍ରୋତାଙ୍କ ମନ ଓ ହୃଦୟକୁ ଛୁଇଁପାରିଛି। ଏଥିପାଇଁ କେବଳ ରାଜ୍ୟ କି ଦେଶରେ ନୁହେଁ ବରଂ ବିଦେଶରେ ମଧ୍ୟ ତାଙ୍କର ଭିନ୍ନ ପରିଚୟ ରହିଛି। ବିଭିନ୍ନ ସଂସ୍ଥାରୁ ତାଙ୍କୁ ଅନେକ ସମ୍ମାନ ଓ ପୁରସ୍କାର ମିଳିଛି। ସେ ହେଲେ ଓଡ଼ିଶାର ଜଣାଶୁଣା ସଙ୍ଗୀତଜ୍ଞ, କଣ୍ଠଶିଳ୍ପୀ ଗୀତା ଦାସ। । ପିତା ହରିହର ମିଶ୍ର ଜଣେ ସରକାରୀ ଉଚ୍ଚପଦାଧିକାରୀ, ମା' ରତ୍ନମଣୀ ମିଶ୍ର । ସେ କୁହନ୍ତି – ମୋର ଜନ୍ମ କଟକରେ, ମାତ୍ର ଆମ ଗାଁ ନୟାଗଡ଼ ଜିଲାର ଶରଣକୂଳ ଅନ୍ତର୍ଗତ ବରଡ଼ିହ ଶାସନରେ। ବାପା ମା'ଙ୍କର ଆମେ ୩ ଭଉଣୀ ଓ ୪ଭାଇ। ମୋର ଯେତେଦୂର ମନେପଡୁଛି ପ୍ରାୟ ୩/୪ବର୍ଷ ବେଳରୁ ଘରେ ଗୀତ ଶୁଣିବା ଓ ଗାଇବା ଆରମ୍ଭ କରିଥିଲି। କିନ୍ତୁ ବିଧିବଦ୍ଧ ଭାବେ ସଙ୍ଗୀତ ଶିକ୍ଷା କରି ନ ଥିଲି। ସେତେବେଳେ 'ଆହେ ନୀଳ ଶୈଳ' ଜଣାଣ ଗାଉଥିଲି। ଗୀତ ପ୍ରତି ମା' ଓ ବଡ଼ଭାଇଙ୍କ ଆଗ୍ରହ ଥିଲା। ସାଲେପୁରରେ ୩ୟ ପଢ଼ିଲି, ପରେ ବଲାଙ୍ଗୀର ଆଦି ଅନ୍ୟସବୁ ଜାଗାରେ ପ୍ରାୟ ବର୍ଷେ ଲେଖାଏଁ ପଢ଼ା ହୋଇଛି । କିନ୍ତୁ ୧୯୭୧ମସିହାର କଥା। ପିଲାଦିନେ ରେଡ଼ିଓରୁ ଗୀତ ଶୁଣିଲାବେଳେ ମନରେ ଗୋଟିଏ କଥା ଘାଣ୍ଟି ହେଉଥିଲା–ରେଡ଼ିଓ ଭିତରେ କେତେଜଣ ଲୋକ ଅଛନ୍ତି, କ'ଣ କରୁଛନ୍ତି ଇତ୍ୟାଦି। ଏସବୁ ଜାଣିବା ପାଇଁ ଦିନେ ଏକ ରେଡ଼ିଓକୁ ଭାଙ୍ଗି ଦେଇଥିଲି। ତା' ପରେ ବାପା (ନନା) ମତେ ଆକାଶବାଣୀ କଟକ କେନ୍ଦ୍ରକୁ ନେଇଯାଇଥିଲେ। ଏଠାରେ ଶିଶୁସଂସାର କାର୍ଯ୍ୟକ୍ରମରେ ଯୋଗଦେଲି। ଏହି କାର୍ଯ୍ୟକ୍ରମରେ ମୋର ପ୍ରଥମ ଗୀତଟି ଥିଲା– 'ଆଇ ବାଛୁ ଥିଲା ଖଇ, ଅଇଲା ପବନ ସାଇଁ ସାଇଁ ହୋଇ ଖଇନେଲା ଉଡ଼େଇ।' ଥରେ ଏକ ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ହୋଇଥିଲି। ସେବେଠାରୁ ଜଣେ କଣ୍ଠଶିଳ୍ପୀ ହେବାକୁ ମୋର ଇଚ୍ଛାଥିଲା। ୧୯୭୭ରେ ହବି ମେଲୋଡ଼ିରେ ଯୋଗଦେଲି। ୧୯୭୮ରେ ଆକାଶବାଣୀର ଜେନେରାଲ ଅଡ଼ିଶନରେ ପାସ୍ କଲି। ୧୯୮୬ରେ ଅପ ଗ୍ରେଡ଼ ହେଲି। ତା'ପରେ ୧୯୯୯ରେ ଏ ଗ୍ରେଡ଼ ହେଲି। ବଡ଼ମ୍ବା–ନରସିଂହପୁରରେ ବାପା ତହସିଲଦାର ଥାଆନ୍ତି। ଏଠାରେ ଯୁକ୍ତ୨ ସାରିଲି । କିନ୍ତୁ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲି । ଥରେ ଏକ ମେଲୋଡ଼ି ଷ୍ଟେଜରେ ମୋର ଗୀତ ଶୁଣି ପ୍ରଦୀପ କୁମାର ଦାଶ ମତେ ପସନ୍ଦ କରିଥିଲେ। ତା'ପରେ ୧୯ ବର୍ଷରେ ତାଙ୍କ ସହିତ ମୋର ବିବାହ ହେଲା। ସେତେବେଳେ ସେ ରେଭେନ୍ସାରେ ଅଧ୍ୟାପକ ଥିଲେ। ତାଙ୍କ ଘର ଆଠଗଡ଼ ତିଗିରିଆରେ । ଏକ ଯୌଥ ପରିବାର, ୭ଭାଇ ଓ ୫ଭଉଣୀ। ମାତ୍ର ବିବାହ ପରେ ସଙ୍ଗୀତ କ୍ଷେତ୍ରକୁ ବାରଣ କରିଥିଲେ। ଏମିତିରେ ପ୍ରାୟ ୨ବର୍ଷ ବିତିଗଲା। ମାତ୍ର ଭିକାରୀ ବଳ, ଅକ୍ଷୟ ମହାନ୍ତି ମୋ ଶାଶୁଘର ଲୋକଙ୍କୁ ବୁଝାଇଥିଲେ। ଶାଶୁଘର ଲୋକଙ୍କ ସହଯୋଗରେ ସଙ୍ଗୀତରେ କ୍ଲାସିକ ଶିଖିଲି। ଗୁରୁ ଜେ.ଭି.ଏସ. ରାଓଙ୍କ ନିର୍ଦ୍ଦେଶରେ ସଙ୍ଗୀତ ଶିକ୍ଷା କରିଥିଲି ଓ ଘରୋଇଭାବେ ବିଏ ପଢ଼ା ସାରିଥିଲି । ସମୟକ୍ରମେ ମୋର ଦୁଇ ଯାଆଁଳା ଝିଅ ଦୁର୍ଗେଶନନ୍ଦିନୀ ଦାଶ, ଦିନେଶନନ୍ଦିନୀ ଦାଶ, ପୁଣି ଆଉ ଏକ ଝିଅ ଲୋପାମୁଦ୍ରା ଦାଶ ଜନ୍ମ ହେଲେ। ମୋ ପୁତୁରା ଭକ୍ତବଲ୍ଲଭ ଦାଶଙ୍କୁ ପୁଅ ଭାବେ ଗ୍ରହଣ କରିଛି। ଶ୍ୱଶୁର ହରେକୃଷ୍ଣ ଦାଶ, ଶାଶୁ ସାବିତ୍ରୀ। ସମସ୍ତଙ୍କ ସହଯୋଗ ରହିଛି। ଝିଅ ବିଦେଶରେ, ପୁଅ ବାହାର ରାଜ୍ୟରେ ନିଯୁକ୍ତି ପାଇଛି।



ସ୍ୱାମୀ ଅଧ୍ୟାପକ ପରେ ୟୁକୋ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଭାବ କାର୍ଯ୍ୟରୁ ଅବସର ନେଇଥିବାରୁ ଏବେ ଭୁବନେଶ୍ୱରରେ ରହୁଛୁ। କିନ୍ତୁ ଯିଏ ଦିନେ ଗୀତ ପାଇଁ ମନା କରୁଥିଲେ ସିଏ ଏବେ ମୋଠାରୁ ଗୀତଟିଏ ଶୁଣିବାକୁ ସବୁଦିନ ବାଧ୍ୟ କରନ୍ତି । ୧୯୮୧ରେ ଜ୍ୱାଇଁପୁଅ ଚଳଚ୍ଚିତ୍ରରେ–' ଠିକ୍ କରିଛି, ବେଶ୍ କରିଛି , ପ୍ରେମ କରିଛି...'ଗୀତର କଣ୍ଠଦାନ କରି ଲୋକଲୋଚନକୁ ଆସିଛି। 'ଛ ମାଣ ଆଠ ଗୁଣ୍ଠ'ରେ ବି କଣ୍ଠଦାନ କରିଛି। ୧୯୮୫ରେ ଗୃହଲକ୍ଷ୍ମୀ ଚଳଚ୍ଚିତ୍ରରେ 'କାନ୍ଦନା କାନ୍ଦନା ଲୋ ମୋ ସୁନା କଣ୍ଢେଇ',୧୯୮୯ରେ 'ଦଇବଦଉଡ଼ି'ରେ ଲୋରୀ– 'ଆ..ମୋ ପାଖକୁ ଆ, ଧନମଣି ଆ...। ୧୯୯୨ରେ 'ମୁଁ ତୁମେ ଓ ସେ'ରେ 'ଫୁଲକୁ ଗୁନ୍ଥି କରିଛି ହାର', ୧୯୯୫ରେ ସୁଚିତ୍ରା ଓ ସଙ୍ଗୀତାଙ୍କ ସହିତ ମିଶିକି 'ବୋଲେ.. ହୁଁ ଟି'ଗାଇଛି। ୨୦୦୦ରେ 'ସତମିଛରେ ଆରେ ସପନ ପକ୍ଷୀ', କିଏ କାହାର–'ଚକା ଜହ୍ନ କେତେ ଝିଲିମିଲି ଆକାଶରେ ହସେ ଖିଲିଖିଲି।' ସୁହାଗ ସିନ୍ଦୁରରେ–'ଧର..ଧର ..ଧର ମତେ କିଏ ଧରୁଛି ଧର।' ତେବେ ୧୯୮୧ରୁ ୨୦୦୬ ମଧ୍ୟରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ସଙ୍ଗୀତରେ କଣ୍ଠଦାନ କରିସାରିଛି। ଏମିତିରେ –ଏ ପାନ ବାଲା ବାବୁରେ.., ମାଛବାଲି.. , ପିଲାଟା ବିଗିଡ଼ି ଗଲା...କିରିକେଟର କି ମନ୍ତର କଲା...ଆଦି ଲଘୁ ସଙ୍ଗୀତରେ କଣ୍ଠଦାନକରି ଖୁବ୍ ଲୋକପ୍ରିୟତା ମିଳିଥିଲା। ସେହିପରି – ନାହାନ୍ତି ଲୋ ସଖୀ ନାହାନ୍ତି.., ଆହେ ପ୍ରଭୁ ମହାବାହୁ, ଆଦି ଅନେକ ଭଜନରେ କଣ୍ଠଦାନ କରିଛି। କାଳିଜାଇ ଗାହାଣରେ– 'ବାପଘର ଖେଳ' ଆଦି ଶତାଧିକ ସିଡୀ ଓ କ୍ୟାସେଟରେ ଗୀତ ଗାଇଛି। କିନ୍ତୁ ମତେ ସବୁଠୁ ଅଧିକ ଘରେଘରେ ପରିଚିତି କରାଇଛି ଲକ୍ଷ୍ମୀପୁରାଣ। ଗୋଟିଏ କଥା ମନେ ପଡୁଛି, ଅନୁଗୋଳ ଅଞ୍ଚଳକୁ ଏକ କାର୍ଯ୍ୟକ୍ରମକୁ ଯାଇଥିଲି । ସେଠାରେ ମତେ ଭଲପାଉଥିବା ଲୋକମାନେ ଖୁସିରେ ଲକ୍ଷ୍ମୀ ବୋଲି କହି ଫୁଲରେ ଚଲାଇ ନେବାକୁ କହିଲେ, ସେମାନଙ୍କୁ ମନା କଲି। ଏବେ ଯୁଆଡ଼େ ଗଲେ ଶ୍ରଦ୍ଧାରେ ଲକ୍ଷ୍ମୀ ବୋଲି କହୁଛନ୍ତି। ଆମ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସମେତ ବାହାର ରାଜ୍ୟ ଏବଂ ଦୁବାଇ, ୟୁରୋପ ଆଦି ବିଦେଶକୁ ଯାଇ ଗୀତ ଗାଇଛି। ପୁରସ୍କାର ଭାବେ –ଚଳଚ୍ଚିତ୍ର ଜଗତ, ଫିଲ୍ମ ଫେୟାର, ସିନେକ୍ରିଟିକ, ସପ୍ତସ୍ୱର, ଜର୍ନାଲିଷ୍ଟ ସଂଘ ଆୱାର୍ଡ, ଶ୍ରୀକ୍ଷେତ୍ର କଳାପରିଷଦ ଆଦି ଶତାଧିକ ସଂସ୍ଥା ସମେତ, ଓଡ଼ିଶା ସଙ୍ଗୀତନାଟକ ଏକାଡ଼େମୀ ତରଫରୁ ୨୦୧୮ରେ ପୁରସ୍କାର ଓ ସମ୍ମାନ ମିଳିଛି। ସବୁ ସୁନାମଧନ୍ୟ ମ୍ୟୁଜିକ ଡାଇରେକ୍ଟରଙ୍କ ସହିତ ଗୀତ ଗାଇବା ପାଇଁ ମୋର ଗୋଟିଏ ଇଚ୍ଛାଥିଲା । ମହାପ୍ରଭୁ ତାହା ପୂରଣ କରିପାରିଛନ୍ତି। ସବୁବେଳେ ଗୀତର ଅଭ୍ୟାସ ଦରକାର। ସକାଳୁସକାଳୁ ସଙ୍ଗୀତକୁ ଅଭ୍ୟାସ କରିଥାଏ। ଠାକୁରଘରେ ୫ଟା ଗୀତ ଗାଏ । ବାଥ୍‌ରୁମରେ ନିଜସ୍ୱରକୁ ଶୁଣେ, କେମିତି ଶୁଭେ ଜାଣିପାରେ । ଏମିତିରେ ଗାଧୋଇବାରେ ବିଳମ୍ବ ହୁଏ, ଘରେ ବିରକ୍ତ ହୁଅନ୍ତି। ଏକଥା ସତ ଯେ ଗୀତ ଶୁଣିବାକୁ ସମସ୍ତଙ୍କୁ ଭଲଲାଗେ, କିଏ ଗୁଣୁଗୁଣୁ ହୋଇ ଗାଏ ତ କିଏ ସ୍ୱର ଦେଇ। ମାତ୍ର ଗୀତ ଗାଇବାରେ ପେସା କି ବୃତ୍ତି ପାଇଁ ଅଧିକାଂଶ ଅମଙ୍ଗ ହୁଅନ୍ତି। ଦିନଥିଲା ସେତେବେଳେ ଗୋଟିଏ ଗୀତ ରେକର୍ଡ଼ିଂ ପାଇଁ ମାସମାସ ଧରି ଗୀତ ଅଭ୍ୟାସ କରିବାକୁ ପଡୁଥିଲା। ଏବେ ନୂଆପିଢ଼ିଙ୍କ ପାଇଁ ଡିଜିଟାଲ ଯୁଗରେ ମ୍ୟୁଜିକର ବିଭିନ୍ନ ସୁବିଧା ମିଳିପାରୁଛି। ମଞ୍ଚକୁ ଯିବା ପୂର୍ବରୁ କଣ୍ଠ ଏକପ୍ରକାର ରହିଥାଏ କିନ୍ତୁ ଗୀତ ଗାଇଲାବେଳେ ଆପେଆପେ ସବୁ ଠିକ୍‌ଠାକ୍ ହୋଇଯାଏ। ସେତେବେଳେ ମୋ ଭିତରେ ମୁଁ ନ ଥାଏ। ସବୁ ଠାକୁରଙ୍କ ଇଚ୍ଛା । କଣ୍ଠ ଈଶ୍ୱର ଦେଇଛନ୍ତି– ଘଷିବା, ମାଜିବା, ରକ୍ଷଣାବେକ୍ଷଣ ଦାୟିତ୍ୱ ଆମର। ସଙ୍ଗୀତ ତ ଜୀବନ, ସଙ୍ଗୀତରେ ବଞ୍ଚିବା ଏକ ମାଧ୍ୟମ। ଏବେ କେଉଁ ରୋଗ ପାଇଁ କେଉଁ ରାଗର ଗୀତ ଗାଇଲେ ରୋଗ ଭଲ ହୋଇପାରିବ ସଙ୍ଗୀତ ଥେରାପି କରାଯାଉଛି।

**–ବନବିହାରୀ ବେହେରା**









# ମାଆର ମାଗୁଣି

**ନନ୍ଦିତା ମହାନ୍ତି**

ମୋ' ବସ୍ ରାଜରାସ୍ତାରେ ଗଡ଼ିବା ଆରମ୍ଭ କରିଥିଲା । ବସ୍ ଭିତରେ ବିଶେଷ ଭିଡ଼ ନ ଥିଲା । ପଛପଟକୁ ଗୋଟେ କଡ଼ିକିଆ ସିଟ୍ ଅକ୍ତିଆର କରି ବସିଗଲି ମୁଁ। ମୋର ସବୁବେଳେ ଝରକା କଡ଼ ସିଟ୍ ହିଁ ପସନ୍ଦ। କାରଣ ଏଥିରେ ଗୋଟିଏ ଟିକେଟର ପଇସାରେ ବସ୍ ଯାତ୍ରା ସହିତ ଥଣ୍ଡା ପବନ ଫ୍ରି। ଏକ କେ ସାଥ ଏକ ଫ୍ରି, ଫ୍ରି, ଫ୍ରି। ମୁଁ ଝରକାର କାଚକୁ ଆଉ ଟିକେ ପଛକୁ ଠେଲି ଦେଇ ସଜାଡି ହୋଇ ବସିଲି। କାନ୍ଧରୁ ଭ୍ୟାନିଟି ବ୍ୟାଗ ଆଣି କୋଳରେ ରଖିଲି ଆଉ ଟିଫିନ ବ୍ୟାଗଟିକୁ ରଖିଦେଲି ଗୋଡ଼ ତଳେ। ଏବେ ନିଜ ଉପରୁ ଧ୍ୟାନ ହଟେଇ ଟିକେ ଆଖି ପହଁରେଇ ଆଣିଲି ବସ୍ ଭିତରେ। ମଣିଷ ସବୁବେଳେ ଏମିତି ସ୍ୱାର୍ଥପର। ନିଜର ସବୁ କିଛି ଠିକ୍‌ଠାକ୍ ହେଲା ପରେ ଯାଇ ତା'ର ଦୃଷ୍ଟି ଯାଏ ଅନ୍ୟ ଦିଗକୁ। ମୋ ସାମ୍ନା ସିଟ୍‌ରେ ଦୁଇ ଜଣ ବସିଥିଲେ। ଜଣେ ବୟସ୍କା ମହିଳା ଆଉ ଜଣେ ପୁରୁଷ। ପୁରୁଷଙ୍କର କାନ ପାଖର ଦର ପାଚିଲା କେଶ ଜଣାଉଥିଲା ସିଏ ଖୁବ୍ ବେଶି ବୟସ୍କ ନ ହେଲେ ମଧ୍ୟ ପଚାଶ ପାରି ବୟସ ହେବ ତାଙ୍କୁ। ସମ୍ପର୍କରେ ମାଆ-ପୁଅ। ବୟସ୍କା ଗ୍ରାମୀଣ ମହିଳାଙ୍କ ଦେହରେ ଖଣ୍ଡେ କୁମ୍ଭପକା ସମ୍ବଲପୁରୀ କସ୍ତା ଶାଢ଼ି । କାନ୍ଧ ଉପରେ ପଡିଛି ଗୋଟେ ରୁଆ ଉଠା ନାଲି ଶାଲ। ସିଏ ଅନବରତ ଝରକା ଦେଇ ଚାହୁଁଥାନ୍ତି ବାହାରକୁ। ବାହାରେ ସନ୍ଧ୍ୟା ନଇଁବା ଆରମ୍ଭ ହୋଇ ଯାଇଥାଏ । ହେଲେ ଏବେ ବି ଆଉ କିଛି ସୁନେଲି ଆଭା ବାକି ରହି ଯାଇଥାଏ ଆକାଶ ଛାତିରେ।

- କେଡ଼େ କେଡ଼େ କୋଠା ଏଠି, ଆକାଶକୁ ଛୁଏଁ, ନ ଛୁଏଁ ..... ଏତେ ବଡ଼ କୋଠାରେ କ'ଣ ଗୋଟିଏ ଲୋକ ରହେ। ତା'ର ବୋଧେ ବଡ଼ ପରିବାର ହୋଇଥିବ।

- ନା, ଏଇଟା ଆପାର୍ଟମେଣ୍ଟ।

ଗୁଡ଼ାଏ ପରିବାର ରୁହନ୍ତି ଏଠି। - ଏଇଠି ବୋଧେ ବାହାଘର ହଉଛି ନା କ'ଣ ........ ଦେଖୁନୁ, କେତେ ସୁନ୍ଦର କରି ସଜେଇଛନ୍ତି।

- ନା ନା ସେଇଟା ଗୋଟେ ହୋଟେଲ।

ମାଆ-ପୁଅଙ୍କ ଭିତରେ କଥାବାର୍ତ୍ତା ଚାଲିଥାଏ। ଗ୍ରାମୀଣ ମହିଳା ଜଣକ ବୋଧହୁଏ ପ୍ରଥମ ଥର ପାଇଁ ଆସିଛନ୍ତି ସହରକୁ। ଏତେ ବଡ଼ ସହର, ଏତେ ଲୋକବାକ, ଗାଡ଼ିଘୋଡ଼ା। ଏ ସବୁ ମିଶି ତାଙ୍କୁ ଚକିତ କରି ଦେବାକୁ ଯଥେଷ୍ଟ। ଶିଶୁସୁଲଭ ଜିଜ୍ଞାସାରେ ସିଏ



ପଚାରି ଚାଲିଥାନ୍ତି ପ୍ରଶ୍ନ ପରେ ପ୍ରଶ୍ନ। ପୁଅର ମୋବାଇଲ ଫୋନ ବାରମ୍ବାର ବାଜୁଥାଏ। ସିଏ ମାଆକୁ ଇସାରାରେ ଚୁପ ରହିବାକୁ କହି ଫୋନରେ କଥା ହେଉଥାଏ।

- ଏତେ ବଡ଼ କୋଠାରେ ଚଢ଼ିବା ପାଇଁ ତ ଖୁବ୍ ବଡ଼ ନିଶୁଣି ଲୋଡ଼ା ହେଉଥିବ, ନୁହେଁ ! ମୋତେ ନିଶୁଣିରେ ଚଢ଼ିବାକୁ ଭାରି ଡର ମାଡ଼େ। ଆମ ଘର ଆଟୁରେ ଚଢ଼ିବା ପାଇଁ ଗୋଟେ ବାଉଁଶ ନିଶୁଣି ଥିଲା। ହେଲେ ମୁଁ ସେଥିରେ ଜମାରୁ ଚଢ଼େନା। ଦୁଇ ପାଦ ଯାଇଥିବି କି ନାହିଁ ମୋର ମୁଣ୍ଡ ବୁଲେଇବା ଆରମ୍ଭ ହୋଇଯାଏ। ଲାଗେ ଗଳି ପଡ଼ିବି ତଳକୁ - କହି ସାରି ହସନ୍ତି ମହିଳା। ପୁଅ କିଛି ଉତ୍ତର ନ ଦେଇ କେବଳ ଗାଡ଼େଇ ଚାହେଁ ତାଙ୍କୁ। ସନ୍ଧ୍ୟା ନଇଁ ସାରିଥିଲା। ଚାରିଆଡ଼େ ଜଳି ଉଠିଥିଲା ମାଳ ମାଳ ଆଲୁଅ। ମହିଳା ଜଣକ ଖୁବ୍ ଆଗ୍ରହରେ ପଚାରୁଥିଲେ -

- ପୁଅ ଏଇ ସହରରେ ତ କେବେ ହେଲେ ରାତି ହେଉ ନ ଥିବ । ଦେଖୁନୁ କେମିତି ଦିନ ନେଖା ନାଗୁଛି । ଆମ ଗାଁ ହେଇଥିନେ ଏତେ ବେଳକୁ ପହରିକିଆ ବିଲୁଆ ଭୁକନ୍ତାଣି। ତା'ହେଲେ ଏଠି ଲୋକମାନେ ଶୁଅନ୍ତି କେତେବେଳେ ? ନା' ଏଠିକା ଲୋକମାନେ ରାତି ଯାକ ଜାଗନ୍ତି । ମାଆ ବଡ଼ ଆଗ୍ରହରେ ଚାହିଁଥିଲା ପୁଅକୁ। ଅଦିନିଆ ବର୍ଷାରେ ବି ନଈକୂଳ ଖାଏ। ବନ୍ଧବାଡ଼ ଭାଙ୍ଗି ମାଡ଼ି ଯାଏ। ଦେଖେନା ଅଥାନ ମଥାନ। ପୁଅର ଧୈର୍ଯ୍ୟର ବନ୍ଧ ବି ଭାଙ୍ଗିଗଲା। ଦେଖିଲାନି ସିଏ ରାସ୍ତାଘାଟ, ମାନିଲାନି ଲୋକାଚାର। ବିରକ୍ତିରେ ଦାନ୍ତ ଚିପି କହିଲା , କାହିଁକି ଗୋଟେ ସେତିକିବେଳୁ ବକର ବକର ହଉଛୁ , ହାଁ ! ଚୁପ ହେଇ ବସିପାରୁନୁ । ସେତିକିବେଳୁ ବକ ବକ କରି ମୋତେ ବିରକ୍ତ କରି ସାରିଲୁଣୁ । ଯାହା ଦେଖିବା କଥା ଚୁପଚାପ ହେଇ ବସି ଦେଖ। ମୋତେ ଜମା ବିରକ୍ତ କରନା କହିଦଉଛି । କହିସାରି ପୁଅ ଫେସବୁକ, ହ୍ୱାଟ୍‌ସ ଆପ୍‌ରେ ମନ ଦେଲା।

ମହିଳା ଜଣକ ଥରେ ବିକଳ ହୋଇ ଚାହିଁଲେ ପୁଅକୁ। ତା'ପରେ ମୁହଁ ବୁଲେଇ ନେଲେ ଝରକା ଆଡ଼କୁ। ବୋଧହୁଏ ଲୁହ ଲୁଚେଇବାକୁ ଚେଷ୍ଟା କରୁଥିଲେ।

ଏଇ ପୁଅ ଯିଏ ଦୁଇ/ ତିନୋଟି ବାକ୍ୟର ଚାପୁଡା ମାରି ଏକବାରେ ଚୁପ କରି ଦେଇ ପାରିଥିଲା ଜଣେ ଉତ୍ତୀର୍ଣ୍ଣ ବୟସ୍କା ମହିଳାଙ୍କର ଶିଶୁସୁଲଭ ଜିଜ୍ଞାସାକୁ, ସେଇ ପୁଅ ବି କେବେ ଦିନେ ଏମିତି ବକର ବକର ହେଇଥିବ। ତା'ର ଦରୋଟି ଭାଷାରେ ଅନେକ ପ୍ରଶ୍ନ ପଚାରିଥିବ। ସନ୍ଧ୍ୟା ହେଲେ ସୂର୍ଯ୍ୟ କେଉଁଠି ଲୁଚି ଯାଆନ୍ତି ? ଆମ ଗାଁର ଦାଢିଆବାବା ଯାହାକୁ ତୁ ପିଲାଚୋର ବୋଲି କହୁ, ଯିଏ ଦୁଷ୍ଟ ପିଲାମାନଙ୍କୁ ତାଙ୍କ ମୁଣିରେ ପୂରେଇ ନେଇଯା'ନ୍ତି , ସିଏ କ'ଣ ତାକୁ ଚୋରି କରି ନେଇଗଲା ? ସିଏ ଆଉ କି ଦୁଷ୍ଟାମି କରିଥିଲେ କି ? ସକାଳୁ ପୁଣି କେମିତି ତା' କବଳରୁ ମୁକୁଳିଲେ ସିଏ ? ନଡ଼ିଆ ଗଛରୁ ନଡ଼ିଆ ଖସେ କେମିତି ? ଯଦିବା ଛିଡି ପଡିଲା ତେବେ ଉପରକୁ ଉଡି ନ ଯାଇ ତଳକୁ ଆସିଲା କାହିଁକି ? ତୁ ଶୋଇଲା ବେଳେ ସବୁ ଦିନ ମୋତେ କହୁ , ଆ' ଜହ୍ନମାମୁ ଶରଦ ଶଶୀ, ମୋ କାହ୍ନୁ ହାତରେ ପଡରେ ଖସି, ହେଲେ ଜହ୍ନ ଯଦି ମୋର ମାମୁ ତେବେ ସିଏ ଏମିତି ଆକାଶରେ ଝୁଲୁଛନ୍ତି କାହିଁକି ? ଇତ୍ୟାଦି ଇତ୍ୟାଦି ଶହ ଶହ ପ୍ରଶ୍ନ। ଯେଉଁ ପ୍ରଶ୍ନର ଉତ୍ତର ଦେବା ହୁଏତ ତା'ର ମାଆ ପାଇଁ ଏତେ ସହଜ ନ ଥିବ। ତଥାପି ତା'ର ମାଆ ତାକୁ ଉତ୍ତର ଦେଇ ବୁଝେଇବାକୁ ଚେଷ୍ଟା କରିଥିବ। ମୋ ପୁଅର କେତେ ବୁଦ୍ଧି। କେତେ କଥା ପଚାରୁଛି କହି ଅନ୍ୟମାନଙ୍କ ଆଗରେ ପୁଅ ପାଇଁ ଗର୍ବିତ ମଧ୍ୟ ହୋଇଥିବ। ବିରକ୍ତି ନୁହେଁ ବରଂ ଖୁସିର ଆତିଶଯ୍ୟରେ ମାଆ ଭାଙ୍ଗିଥିବ ବନ୍ଧବାଡ଼।

ମାଆର ଦୃଷ୍ଟି ଲମ୍ବି ଯାଇଥିଲା ବାହାରକୁ। ବୋଧହୁଏ ଆକାଶର ବ୍ୟାପ୍ତତାକୁ ସିଏ ଉଧାର ମାଗୁଥିଲା ଚଳୁଏ ଧୈର୍ଯ୍ୟ, ଟିପେ ସହନଶୀଳତା ; ଯାହାକୁ ଅବଲମ୍ବନ କରି ସିଏ ହୁଏତ ହଜମ କରି ନେଇପାରିବ ଆଉ କିଛି ବିରକ୍ତି ଓ ଅବହେଳାକୁ ।

*-ରାଜଭବନ ପୋଷ୍ଟଅଫିସ, ଭୁବନେଶ୍ୱର*

*ମୋ-୮୨୪୯୪୩୭୨୭୬*

## ମାଆ

**ଲକ୍ଷ୍ମୀ ପ୍ରସାଦ ରାଉତ**

ଯିଏ ନିଜ ଆୟୁଷ କୁ ବାଜି ଲଗେଇ
ବାତ୍ସଲ୍ୟ ର ଗଙ୍ଗା ଧାର ଦେଇ
ଭିନ୍ନ ଅଗଣାରେ ଫୁଟେଇ ପାରେ
ବଂଶ ଲତିକା
ଯିଏ ନିଜ ସନ୍ତାନ ପାଇଁ
ଦଧିଚି ସାଜି ସମର୍ପି ଦିଏ
ନିଜ ତମାମ ଜୀବନ
ସାରା ସଂସାରରେ ଗୋଟିଏ ତା ନାଁ
ସବୁ ଝଡ ଆଗରେ
ଛାତି ପତେଇ ହୋଇଯାଏ ଠିଆ
ହଁ ସେ ଜଗଦମ୍ବା , ସେ ମୋ ମାଆ ।

*-ରଗଡ଼ି, ବାଙ୍କୀ, କଟକ*

*୯୯୩୭୯୬୭୧୦*





# ଏ ମନ ଖୋଜୁଥାଏ ଯାହା...


ନାଗା ଚୈତନ୍ୟ

ଦକ୍ଷିଣ ଭାରତୀୟ ସିନେମାରେ ନାଗା ଚୈତନ୍ୟ ଜଣେ ପରିଚିତ ନାମ । ତେବେ ତାଙ୍କର ଏକ ଆଶା ଥିଲା । ଆମୀର ଖାଁଙ୍କ ସହ ଅଭିନୟ କରିବେ । ଶେଷରେ ତାଙ୍କର ଏହି ଆଶା ପୂରଣ ହୋଇଛି । ଖାସ୍ କଥା ହେଲା, ସେ ଏବେ ବଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି । ପୁଣି ପ୍ରଥମ ସିନେମାରେ ତାଙ୍କର ଦୀର୍ଘଦିନର ଆଶା ପୂରଣ ହୋଇଛି । ଆମୀର ଅଭିନୀତ ତଥା ନିର୍ମାଣାଧୀନ ସିନେମା 'ଲାଲ୍ ସିଂ ଚଡ୍ଢା'ରେ ସେ ଅଭିନୟ କରିବାକୁ ଯାଉଛନ୍ତି । ଏ ସମ୍ପର୍କରେ ନାଗା କହନ୍ତି, ''ଯେତେବେଳେ ଏହି ଅଫର ମୋତେ ମିଳିଲା ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି । ଯାହାଙ୍କ ଅଭିନୟ ମୋତେ ବେଶ୍ ଅନୁପ୍ରାଣିତ କରିଛି ସେ ହେଲେ ଆମୀର ଖାଁ । ପୁଣି ଏପରି ସୌଭାଗ୍ୟ ଯେ ସେ ଅଭିନୟ କରୁଥିବା ସିନେମାରେ ମୋତେ ବଲିଉଡ୍‌ରେ ବ୍ରେକ୍ ମିଳିଛି । ମୋର ଦୀର୍ଘଦିନର ଆଶା ପୂରଣ ହୋଇଛି ।'' ଏହି ଫିଲ୍ମର ଅବଶିଷ୍ଟ ଶୁଟିଂ ଖୁବ୍‌ଶୀଘ୍ର ଲଦାଖ ଏବଂ କାରଗିଲ୍ ଅଞ୍ଚଳରେ ଆରମ୍ଭ ହେବ । ଏଥିରେ ଆମୀରଙ୍କ ନାୟିକା ସାଜିଛନ୍ତି କରୀନା କପୁର ।

# ଧନ ଧନ ଡାକି ଗଲା ମୋ ଜୀବନ

ମା' ଆଉ ପିଲାର ସମ୍ପର୍କ କେତେ ନିବିଡ ତାହା କହିବା ବାହୁଲ୍ୟ । ପିଲାଟିକୁ ଗର୍ଭରେ ଧାରଣ କରି ତାକୁ ଜନ୍ମ ଦେଇ ତା'ପରେ ତାହାର ଲାଳନ ପାଳନ କରିଥାଏ ସେ । ଆଉ ତା' ସ୍ନେହରେ ଲୁଚି ରହିଥାଏ ମା'ର ମମତା । ସେପରି ଏକ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଧନ ଧନ ଡାକି ଗଲା ମୋ ଜୀବନ' । ହେଲେ ଏଥିରେ ଜଗତର ନାଥ ଜଗନ୍ନାଥଙ୍କ ତତ୍ତ୍ୱ ମଧ୍ୟ ରହିଛି । ଉକ୍ତ ସିନେମାର ସମସ୍ତ କାର୍ଯ୍ୟ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ସୂତ୍ରରୁ ପ୍ରକାଶ । ଏପରି ଏକ ଭିନ୍ନ ଧରଣର କାହାଣୀ ରଚନା କରିଛନ୍ତି ମନ୍ମୟ କୁମାର ମହାପାତ୍ର । କେବଳ ସେତିକି ନୁହେଁ, ସେ ଏହାର ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଥମ ଥର ପାଇଁ ବଡ ପରଦା ଲାଗି ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ।ଏହାପୂର୍ବରୁ ସେ ବେଶ୍ କେତୋଟି ଆଲବମର ନିର୍ଦ୍ଦେଶନା ଦେବା ସହ କେତୋଟି ଓଡ଼ିଆ ସିନେମାରେ ସହ ନିର୍ଦ୍ଦେଶକ ଭାବରେ କାମ କରିସାରିଛନ୍ତି । ମଞ୍ଜୁରାଣୀ ଫିଲ୍ମସ ବ୍ୟାନରର ଏହି ଚିତ୍ରର ପ୍ରଯୋଜନା କରିଛନ୍ତି ମଞ୍ଜୁରାଣୀ ପ୍ରଧାନ । ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି, ପ୍ରିୟଙ୍କା, ଭୁପତି ତ୍ରିପାଠୀ, ବ୍ରଜ ସିଂ, ଚକ୍ରଧର ଜେନା, ବିଜୁ ବଡଜେନା, ଲୋପାମୁଦ୍ରା, ଥିନ, ଅସୀତ ପତି, ବାବୁ ପ୍ରଧାନ, ପ୍ରିୟ ମିଶ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି ।


ପ୍ରିୟଙ୍କା

# ବିଦ୍ୟାଙ୍କ ପ୍ରଶଂସାରେ କଙ୍ଗନା

କଙ୍ଗନା ରାଣାୱତ ଏବେ ବିଦ୍ୟା ବାଲାନ୍‌ଙ୍କର ଭୁରି ଭୁରି ପ୍ରଶଂସା କରୁଛନ୍ତି । ହେଲେ ଏହି ସମୟରେ ସେ ଏକ ରୋଚକ କଥା ବିଷୟରେ ସୂଚନା ଦେଇଛନ୍ତି । ତାହା କ'ଣ ଜାଣନ୍ତି ? ଆଇଟମ ଗର୍ଲ ସିଲ୍‌କ ସ୍ମିତାଙ୍କ ଜୀବନୀକୁ ନେଇ ନିର୍ମିତ ସୁପରହିଟ୍ ସିନେମା 'ଡାର୍ଟି ପିକ୍‌ଚର୍ସ'ରେ ବିଦ୍ୟା ଅଭିନୟ କରିଥିଲେ । ଆଉ ଏଥିରେ ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା । କିନ୍ତୁ ଏହାର କାଷ୍ଟିଂ ବିଷୟରେ ଆଲୋଚନା ଚାଲିଥିବା ବେଳେ ପ୍ରଥମେ କଙ୍ଗନାଙ୍କ ନାମକୁ ବିଚାରକୁ ନିଆଯାଇଥିଲା । କିନ୍ତୁ ଯେତେବେଳେ ତାଙ୍କୁ ଯୋଗାଯୋଗ କରାଗଲା ସେ କହିଥିଲେ ଯେ, 'ଏହି ଫିଲ୍ମର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବା ଆଶା କମ୍ ।' ତା'ସହ ଅଫରଟିକୁ ସେ ହାତଛଡା କରିଥିଲେ । କିନ୍ତୁ ଫିଲ୍ମଟି ଦେଖିବା ପରେ ତାଙ୍କର ଏହି ଧାରଣା ବଦଳି ଯାଇଥିଲା । ଏ ନେଇ କଙ୍ଗନା କହନ୍ତି, 'ଡାର୍ଟି ପିକ୍‌ଚର୍ସରେ ବିଦ୍ୟାଙ୍କ ଅଭିନୟକୁ ପ୍ରଶଂସା କରିବାକୁ ମୋ ନିକଟରେ ଭାଷା ନାହିଁ । ମୁଁ ଅଫରଟିକୁ ହାତଛଡା କରିଥିଲି । ଆକ୍ଟିଂ ଲାଇନ୍‌ରେ ଏମିତି ଘଟିବାର ଅନେକ ନଜିର ରହିଛି । ବଲିଉଡରେ ଇତି ମଧ୍ୟରେ ମୁଁ ଏଣ୍ଟ୍ରି କରିବାର ୧୫ବର୍ଷ ହୋଇଗଲାଣି । ସୁଖ ଦୁଃଖର ସ୍ମୃତିକୁ ନେଇ ମୁଁ ଆଗେଇ ଚାଲିଛି ।' କଙ୍ଗନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଗ୍ୟାଙ୍ଗଷ୍ଟର' । ଏବେ ସେ ପରଲୋକଗତ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ ଅଭିନେତ୍ରୀ ଜେ. ଜୟଲଳିତାଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଥିବା ସିନେମା 'ଥାଲାଇଭି'ର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମଟି ଚଳିତବର୍ଷ ଏପ୍ରିଲରେ ରିଲିଜ ହୋଇଥାଆନ୍ତା, ହେଲେ କୋଭିଡ୍ ପାଇଁ ଏହାକୁ ସ୍ଥଗିତ ରଖାଯାଇଛି ।



# ଚାରି ଶହରେ ଜଣେ

ସତରେ ଯାକୁ ହିଁ କହନ୍ତି ଭାଗ୍ୟଦେବୀ ପ୍ରସନ୍ନ ହେବା । ପ୍ରଥମ ସିନେମାରେ ଅଡିସନ ଦେବା ବେଳେ ସେ କେବେ ବିଶ୍ୱାସ କରି ନ ଥିଲେ ଯେ ଏଥିରେ ସେ ସିଲେକ୍‌ସନ ହେବେ । କାରଣ ଏହି ସିନେମାର ନାୟିକା ହେବା ପାଇଁ ତାଙ୍କୁ ନେଇ ମୋଟ ୪୦୦ ପ୍ରତିଯୋଗୀ ଥିଲେ । ପୁଣି କରନ୍ ଜୋହରଙ୍କ ପରି ପ୍ରଯୋଜକ, ଯିଏ କି ଆକ୍ଟିଂ ଉପରେ କେତେ ଗୁରୁତ୍ୱ ଦିଅନ୍ତି ତାହା କହିବା ବାହୁଲ୍ୟ । କିନ୍ତୁ ଶେଷରେ ବାଜିମାରିଥିଲେ ସେ । ହଁ, ଏହି ନାୟିକା ଜଣକ ହେଉଛନ୍ତି ଆଲିୟା ଭଟ୍ଟ । କରନ୍‌ଙ୍କ ସିନେମା 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ନାୟିକା କିଏ ହେବ ସେଥିପାଇଁ ଅଡିସନ୍ ହୋଇଥିଲା । ଆଉ ଏଥିରେ ଅଂଶଗ୍ରହଣ କରିଥିବା ୪୦୦ ନବାଗତାଙ୍କ ମଧ୍ୟରୁ ବାଜି ମାରିନେଇଥିଲେ ମହେଶ ତନୟା ଆଲିୟା । ଏ ସମ୍ପର୍କରେ ସେ କହନ୍ତି, 'ଅଡିସନ୍ ଦେବା ପରେ ମୁଁ ଯେ, କେବେ ଏଥିରେ ସିଲେକ୍‌ସନ ହେବି ସେ ନେଇ ବିଶ୍ୱାସ ନ ଥିଲା । ହେଲେ ମୋର ଅଭିନୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କୁ ପ୍ରଭାବିତ କରିଥିଲା । ଏହି ଫିଲ୍ମଟି ମଧ୍ୟ ମୋତେ ବେଶ୍ ମାଇଲେଜ ଦେଇଥିଲା ।' ସୂଚନାଯୋଗ୍ୟ ସଞ୍ଜୟ ଲୀଲା ଭଁସାଲିଙ୍କ ରିଲିଜ ଅପେକ୍ଷାରେ ଥିବା ସିନେମା 'ଗାଙ୍ଗୁବାଇ କାଠିଆୱାଡି'ରେ ଆଲିୟା ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି । ଫିଲ୍ମଟି ଚଳିତବର୍ଷ ଜୁଲାଇ ୩୦ରେ ରିଲିଜ ହେବାର ଯୋଜନା ରହିଛି ।

# ଅନୁତାପ କରୁଛନ୍ତି ପରିଣିତି

ପରିଣିତି ଚୋପ୍ରା ଏବେ ଅନୁତାପ କରୁଛନ୍ତି । କଥା କ'ଣ କି ନିକଟରେ ତାଙ୍କୁ ଏକ ସିନେମାର ଆଇଟମ ନମ୍ବରରେ ଡ୍ୟାନ୍ସ କରିବାକୁ ଅଫର ମିଳିଥିଲା । ଏ ନେଇ କିଛି ଦିନ ବିଚାର ବିମର୍ଷ କରିବା ପରେ ସେ ଅଫରଟିକୁ ହାତଛଡା କରିଥିଲେ । ଏପରି କି ଏହି ଡ୍ୟାନ୍ସ ପାଇଁ ତାଙ୍କୁ ମନ ମୁତାବକ ପାରିଶ୍ରମିକ ମିଳିଥାଆନ୍ତା । ହେଲେ ଗୀତଟିକୁ ନେଇ ସେ ଅଡୁଆରେ ପଡିଯାଇଥିଲେ । କାରଣ ଏଥିରେ ତାଙ୍କୁ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିଥାଆନ୍ତା । ତାକୁ ନେଇ କି ନିଷ୍ପତ୍ତି ନେବେ ସେ ନେଇ ପ୍ରଯୋଜନା ସଂସ୍ଥା ନିକଟରୁ କିଛି ଦିନ ସମୟ ମଧ୍ୟ ନେଇଥିଲେ । ଏ ନେଇ ପରିଣିତି କହନ୍ତି, ''ଏହି ଆଇଟମ୍ ନମ୍ବରର କେତୋଟି ଶଟ୍ ମୋ ପାଇଁ ଟେନସନ ସାଜିଥିଲା । ଶେଷରେ ଉପାୟଶୂନ୍ୟ ହୋଇ ମନା କରିଦେଲି । ହେଲେ ଏବେ ଭାବୁଛି ଯଦି ମୁଁ ରାଜି ହୋଇଥାଆନ୍ତି, ତେବେ ଗୀତଟି ମୋତେ ନିଶ୍ଚୟ କେତେକାଂଶରେ ମାଇଲେଜ ଦେଇଥାଆନ୍ତା । ଏବେ ତ ସବୁକିଛି ଶେଷ ହୋଇଗଲାଣି । କେବଳ ସେ କଥା ଭାବି ଅନୁତାପ କରିବା ହିଁ ସାର ।''


ପରିଣିତି

# ଏକାଥରେ ହ୍ୟାଟ୍ରିକ୍

ଇଲିୟାନା ଡି' କ୍ରୁଜ୍‌ଙ୍କ ଗୋଡ ଏବେ ତଳେ ଲାଗୁନି । କେମିତି ବା ଲାଗିବ କହୁନାହାନ୍ତି ? ଏକାଥରେ ଗୋଟିଏ ନୁହେଁ ତିନୋଟି ଅଫର ହାତରେ ରହିଛି । ପୁଣି ତିନୋଟିର କାହାଣୀ କେହି କାହାକୁ କମ୍ ନୁହନ୍ତି । ତେଣୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଦୋଛକିରେ ପଡିଛନ୍ତି । ଯଦିବା ସେ ତିନୋଟି ସିନେମାରେ ଆକ୍ଟିଂ କରିବାକୁ ରାଜି ହୁଅନ୍ତି ତେବେ ଡେଟ୍ ପ୍ରୋବ୍ଲେମ୍ କରିପାରେ । ଏପରି ସୁଯୋଗ ବିଷୟରେ ଇଲିୟାନା କହନ୍ତି, ''ନିକଟରେ ମୋତେ ଭଲ ଭଲ ତିନୋଟି ଅଫର ମିଳିଛି । ସେଗୁଡିକର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି । ହେଲେ ସେଥିପାଇଁ ମୋର ଗୋଟିଏ ସମସ୍ୟା ହେଲା ଡେଟ୍ । ଏବେ ସମାନ୍ତରାଳ ଭାବରେ ଦୁଇଟି ସିନେମାର ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି । ବାକି ଗୋଟିଏ ସିନେମାର ଡେଟ୍ ବିଷୟରେ ମୋତେ ଚିନ୍ତା କରିବାକୁ ପଡିବ । ପ୍ରଯୋଜକମାନଙ୍କ ସହ କଥା ହୋଇ ଡେଟ୍ ଆଡଜଷ୍ଟ କରିବାକୁ ପଡିବ ।'' ତେବେ ଏହି ଡେଟ୍ ସମସ୍ୟାକୁ ଇଲିୟାନା କିପରି ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।


ଆଲିୟା


ଇଲିୟାନା



**ପ୍ରଥମ ରୋଜଗାର**

ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ସଞ୍ଜୁକ୍ତା ପାଢ଼ୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ୫୦ ଟଙ୍କା ଥିଲା ମୋର ପ୍ରଥମ ରୋଜଗାର

ଯାଜପୁର ଟାଉନ୍‌ସ୍ଥିତ ସିଦ୍ଧେଶ୍ୱର ଗାଁରେ ଆମ ଘର। ସ୍ଥାନୀୟ ରାମବାଗ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରି ରମାଦେବୀ କଲେଜରେ ଯୁକ୍ତ ୨ କଳା ପଢ଼ିଥିଲି। ତା'ପରେ ସାଇକୋଲୋଜି ଅନର୍ସ ରଖି ରେଭେନ୍‌ଶା କଲେଜରେ ଯୁକ୍ତ ୩ ପଢ଼ିଲି। ଦିଲ୍ଲୀ ୟୁନିଭର୍ସିଟିରେ ପି.ଜି. ପଢ଼ିବା ପାଇଁ ଇଚ୍ଛା ଥିବାରୁ ନାଁ ରେଜିଷ୍ଟ୍ରେଶନ କଲି ଆଉ ସେଠାରେ କିଛିଦିନ ରହିଲି। କିନ୍ତୁ ଘର କଥା ଭାରି ମନେ ପଡ଼ିବାରୁ ବେଶି ଦିନ ରହି ନ ପାରି ଫେରିଆସିଲି ଓ ବାଣୀବିହାରରେ ପି.ଜି.ପାଇଁ ଆଡ୍‌ମିଶନ୍ ନେଲି। ପି.ଜି. ସବୁ ସରୁ କଟକରେ ଘରଭଡ଼ା ନେଇ ରାଧାନାଥ ଟ୍ରେନିଂ କଲେଜରେ ବି.ଇଡି. କଲି। ସେତେବେଳେ ମୋ ସାଙ୍ଗରେ ମୋର ଜଣେ ଭଉଣୀ ଓ ସାଙ୍ଗ ବି ରହୁଥିଲେ। ବି.ଇଡି. ସରିବା ପରେ ସେଠାରେ ରହି କମ୍ପିଟିଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲୁ। ଏହି ସମୟରେ ସ୍ଥାନୀୟ ଜଣେ ପଡ଼ୋଶୀ ମହିଳା ଆସି ମୋତେ ତାଙ୍କ କୁନି ପୁଅକୁ ଟ୍ୟୁଶନ କରିବାକୁ କହିଲେ ଆଉ ମାସ ଶେଷକୁ ଖୁସିରେ ସେ ମୋ ହାତରେ ୫୦ ଟଙ୍କା ଧରାଇ ଦେଇଗଲେ, ଯାହାକି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ସେବେ ୫୦ ଟଙ୍କାର ମୂଲ୍ୟ ବି କିଛି କମ୍ ନଥିଲା। ଏହି ଟଙ୍କାରେ ପ୍ରାୟ ସମୟ ଆମେ ସ୍ଥାନୀୟ ତୁଳସୀପୁରସ୍ଥିତ ପ୍ରସିଦ୍ଧ ଈଶ୍ୱର ଦହିବରା ଦୋକାନରୁ ଦହିବରା କିଣି ଆଣି ୪ଟା ବେଳେ ପଖାଳ ଖାଉଥିଲୁ। ଏମିତି ପ୍ରାୟ ୩/୪ମାସ ବିତିବା ପରେ ଯାଜପୁର ରୋଡ୍‌ସ୍ଥିତ ବ୍ୟାସନଗର ଅଟୋନମସ୍ କଲେଜରେ ସାଇକୋଲୋଜିର ଅଧ୍ୟାପିକା ଭାବେ ମୋର ଚାକିରି ହୋଇଗଲା। ଏହା ଥିଲା ୧୯୯୫ ମସିହାର କଥା, ସେତେବେଳେ ମୋ ଚାକିରିଟି ମ୍ୟାନେଜ୍‌ମେଣ୍ଟ ଅଧୀନରେ ଥିଲା। ତେଣୁ ମାତ୍ର ହଜାରେ ଟଙ୍କା ଥିଲା ମୋର ଦରମା। ଆମେ ପାଞ୍ଚ ଭାଇଭଉଣୀ ଭିତରେ ମୁଁ ଥିଲି ସବୁଠୁ ବଡ଼। ଅବଶ୍ୟ ବାପା ଚାକିରି କରିଥିଲେ, ତଥାପି ବଡ଼ ହିସାବରେ ସାନ ଭାଇଭଉଣୀଙ୍କ ପ୍ରତି ମୋର କିଛି କର୍ତ୍ତବ୍ୟ ଥିଲା। ତେଣୁ ଯେବେ ଦରମା ପାଇଲି ଘରର ସମସ୍ତଙ୍କ ପାଇଁ କିଛି ଗିଫ୍ଟ ନେଇକି ଯାଇଥିଲି। ତା'ସହିତ ଯେହେତୁ କଲେଜ ପାଖରେ ଘରଭଡ଼ା ନେଇ ରହୁଥିଲି, ତେଣୁ ଘରଭଡ଼ା ଓ ନିଜ ଚଳଣି ବାବଦ ମଧ୍ୟ କିଛି ଟଙ୍କା ହାତରେ ରଖୁଥିଲି। ସେତେବେଳେ ଆମ ଘରେ କଲର୍ ଟିଭି, ଫ୍ରିଜ୍ କି ଗାଡ଼ି କିଛି ବି ନଥିଲା। ତେଣୁ ଧୀରେ ଧୀରେ ଇନ୍‌ଷ୍ଟାଲ୍‌ମେଣ୍ଟରେ ଘରକୁ ଗୋଟିଏ ଗୋଟିଏ ଜିନିଷ ବି କରିଥିଲି। ସେଥିପାଇଁ ବାପା, ବୋଉ, ଭାଇଭଉଣୀ ସମସ୍ତଙ୍କର ମୁଁ ଥିଲି ଆଶା ଓ ଭରସା। ଏମିତି କିଛିଦିନ ବିତିବା ପରେ ମୋ ବାହାଘର ହେଲା। ଶାଶୁଘର ବି ସେହି ଯାଜପୁରରେ ଥିଲା, ହେଲେ ମୋ ସ୍ୱାମୀ ଗ୍ୟାଙ୍ଗଟକ୍‌ରେ ଚାକିରି କରୁଥିଲେ। ସେ ଚାହୁଁଥିଲେ ମୁଁ ତାଙ୍କ ସାଥିରେ ଗ୍ୟାଙ୍ଗଟକ୍ ଯାଇ ସେଠି ଚାକିରି କରେ। କିନ୍ତୁ ମୋର ଇଚ୍ଛା ହେଲାନାହିଁ। ଯେହେତୁ ବାପଘର, ଶାଶୁଘର ଯାଜପୁରରେ ହିଁ ଥିଲା, ତେଣୁ ମୁଁ ଏଇଠି ରହି ଚାକିରି କରିବାକୁ ନିଷ୍ପତ୍ତି ନେଲି। ସେବେଠାରୁ ୨୦୧୯ ପର୍ଯ୍ୟନ୍ତ ମୁଁ ସେହି କଲେଜରେ ଅଧ୍ୟାପିକା ଭାବେ ଚାକିରି କରିଥିଲି। ଅବଶ୍ୟ ତା'ରି ଭିତରେ ମୋର ଝିଅଟିଏ ହେବା ସହ ୨୦୦୯ରେ ମୋ ଚାକିରି ରେଗୁଲାର୍ ହେଲା। ତା'ସହିତ ଯାଜପୁର ରୋଡ୍‌ରେ ଗୋଟିଏ ଜାଗା କିଣିଲି (ସ୍ୱାମୀଙ୍କର ବି ସହଯୋଗ ଥିଲା) ଏବଂ ୨୦୧୬ରେ ସାଇକୋଲୋଜିରେ ପି.ଏଚ୍‌ଡି ଡିଗ୍ରୀ ହାସଲ କରିବାରେ ମଧ୍ୟ ସଫଳ ହେଲି। ତେବେ ୨୦୧୯ରେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ୟୁନିଭର୍ସିଟିରେ ସାଇକୋଲୋଜି ଡିପାର୍ଟମେଣ୍ଟର ଆସିଷ୍ଟାଣ୍ଟ ପ୍ରଫେସର୍ ପଦବୀ ପାଇଁ ବିଜ୍ଞାପନ ବାହାରିବାରୁ ସେଥିରେ ଇଣ୍ଟରଭ୍ୟୁ ଦେଲି ଆଉ ସିଲେକ୍ଟ ହୋଇ ସେଠାରେ ଜଏନ୍ କରିଥିଲି। ଏବେ ବି ମୁଁ ସେଠାରେ କାର୍ଯ୍ୟରତ। ବର୍ତ୍ତମାନ ମୋ ଅଧୀନରେ ୪ ଜଣ ପିଲା ପି.ଏଚ୍‌ଡି ପାଇଁ ପ୍ରସ୍ତୁତ ହେଉଛନ୍ତି। ତା'ସହିତ ଆସୋସିଏଟ୍ ପ୍ରଫେସର୍ ପ୍ରମୋଶନ ପାଇଁ ମୁଁ ନିଜେ ମଧ୍ୟ ଚେଷ୍ଟା ଜାରି ରଖିଛି। ଏ ତ ଥିଲା ମୋ ଚାକିରି ଜୀବନ କଥା। ଏହାବାଦ୍ ସାହିତ୍ୟ ପ୍ରତି ରୁଚି ଥିବାରୁ ମୁଁ ଅନେକ ଗପ ଓ କବିତା ମଧ୍ୟ ଲେଖିଛି କିନ୍ତୁ ପ୍ରକାଶ କରିବାକୁ ସମୟ ପାଇନି। ହେଲେ ସୋସିଆଲ୍ ମିଡିଆରେ ମୁଁ ଅନେକ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ଅଛି। ସେଇଥିରୁ ହିଁ ମୋତେ କିଛିଟା ଖୁସି ମିଳିଯାଉଛି, ଯାହା ମୋ ପାଇଁ ଯଥେଷ୍ଟ।

*-ଅସ୍ମିତା*

# କନକ ଗୋରୀ ସ୍ୱପ୍ନ ସୁନ୍ଦରୀ, ସିଆଣୀ ନୁହେଁ ସେ ଭାରି ଚତୁରୀ

**ପ୍ରଶ୍ନ**–ଜଣେ ସୁନ୍ଦରୀ ଚାହାଣୀରେ ମୁଁ ଘାଇଲା ହୋଇଥିଲି। ତା'ପରେ ତାକୁ ପ୍ରେମ କରି ବସିଲି। ହେଲେ ଏବେ ତା' ବ୍ୟବହାର ମୋତେ କେମିତି କେମିତି ଲାଗୁଛି। ମୁଁ ଭାବୁଛି ଆମ ପ୍ରେମ ଦିନକୁ ଦିନ ଫିକା ପଡିଯାଉଛି। ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ?

*–ସୁଜିତ ରାଉତ, ଜଗତସିଂହପୁର*

**ଉତ୍ତର:** 'କନକ ଗୋରୀ ସ୍ୱପ୍ନ ସୁନ୍ଦରୀ, ସିଆଣୀ ନୁହେଁ ସେ ଭାରି ଚତୁରୀ।' ଦେଖୁନାହାନ୍ତି, ଆପଣଙ୍କୁ କିଛି ଦିନ ପ୍ରେମ ଫାସରେ ବାନ୍ଧି ରଖିବା ପରେ ତାହାର ଆଚାର ବ୍ୟବହାର କେମିତି ବଦଳି ଯାଉଛି। ଏମିତି ବି ହୋଇପାରେ ଯେ, ତାକୁ ଆପଣ କେତେ ଭଲ ପାଉଛନ୍ତି ତାହାର ସେ ପରୀକ୍ଷା ନେଉଛି। ତାହାର ମାନସିକତାକୁ ଭଲ ଭାବରେ ଷ୍ଟଡି କରନ୍ତୁ। ଯଦି ତାହା ସକାରାତ୍ମକ ରହିଲା, ଆଉ ଆପଣଙ୍କ ପ୍ରେମର ସ୍ୱାଦ ପୂର୍ବପରି ମିଠା ଲାଗିଲା ତେବେ କିଛି ଚିନ୍ତା କରିବାର ନାହିଁ। ଯଦି କିଛି ଏପଟ ସେପଟ ଅନୁଭବ କରନ୍ତି ତେବେ ଅବସ୍ଥା ଦେଖି ବ୍ୟବସ୍ଥା କରିବା ହିଁ ଠିକ୍ ହେବ।

**ପ୍ରଶ୍ନ**–କହିବେ କି ସାଥୀ ପ୍ରକୃତ ପ୍ରେମର ସଂଜ୍ଞା କ'ଣ ?

*–ଦୀପକ କୁମାର, ଢେଙ୍କାନାଳ*

**ଉତ୍ତର:** ପ୍ରେମର ପ୍ରକୃତ ସଂଜ୍ଞାକୁ ପଢ଼ିବାକୁ ନିଜର ମଗଜକୁ ଭଲ ଭାବରେ ଖଟାଇବା ଦରକାର। ପ୍ରକୃତ ପ୍ରେମ ସବୁବେଳେ ଶରତ ଆକାଶ ପରି ନିର୍ମଳ। ପ୍ରେମର ତରିକା ଅନୁସାରେ ହିଁ ଏହାର ସଂଜ୍ଞା ରହିଥାଏ। 'କାମାତୁର ପ୍ରେମ ଶେଷ ହୋଇ ଯାଏ ଥରେ ସହବାସ ହୋଇଲେ, ଲୁଚାଚୋରା ପ୍ରେମ ଶେଷ ହୋଇଯାଏ ମାଡ ଯଦି ବସେ ପିଠିରେ, ହେଲେ ଅସଲ ପ୍ରେମଟି ସବୁବେଳେ ମିଠା ତା'ର କେବେ ଶେଷ ନାହିଁରେ।' ଏଣିକି କେଉଁ ପ୍ରେମକୁ ଆପଣେଇବେ ତାହା ନିଜ ଉପରେ ହିଁ ନିର୍ଭର କରେ।

**ପ୍ରଶ୍ନ**–ସବୁ ପ୍ରେମର ଶେଷ କ'ଣ ସିନ୍ଦୂରରେ ହୋଇଥାଏ ?

*–ତାପସ, ବ୍ରହ୍ମପୁର*

**ଉତ୍ତର:** ଅବଶ୍ୟ ଏପରି ଧାରଣା କିଛି ଭୁଲ ନୁହେଁ। ହେଲେ ତାହାକୁ ସତରେ ପରିଣତ କରିବା ବଡ କଥା। ବୟସ ହେଲେ ମନରେ ତେଣା ଲାଗେ ଆଉ ପ୍ରେମ ରାଇଜରେ ଘୁରି ବୁଲିବାକୁ ଇଚ୍ଛା ହୁଏ। ହେଲେ ସେତେବେଳେ ଯଦି ସଞ୍ଜମତା କୂଳ ଲଙ୍ଘିଲା ତେବେ ସେହି ଅନୁସାରେ ପ୍ରେମର ରୂପରେଖ ବଦଳି ଯାଏ। ସେଥିପାଇଁ ପ୍ରେମରେ ଯଦି ସଚ୍ଚୋଟତା ରହିଲା, ଶେଷ ପର୍ଯ୍ୟନ୍ତ ଦୁହିଁଙ୍କ ଭିତରେ ବିଶ୍ୱାସ ଅତୁଟ ରହିଲା, ତେବେ ସେପରି ପ୍ରେମରେ ସକସେସ ହେବା ଆଉ ତାହାର ଶେଷ ସିନ୍ଦୂର ରେ ହେବା ତାହ୍ନ ଅଧିକ ଥାଏ। ତେଣୁ ଏସବୁ ଉପୟଙ୍କ ଉପରେ ହିଁ ଶତ ପ୍ରତିଶତ ନିର୍ଭର କରେ।

**ପ୍ରଶ୍ନ**–ପ୍ରେମରେ ଦମ୍ ନ ଥାଇ ମଧ୍ୟ ଅନେକ ସେଥିରୁ ସଫଳତା ଆଶା କରିଥାଆନ୍ତି। ଏପରି ଆଶା କରିବା କେତେ ଦୂର ଠିକ୍ ?


*–ଅମର ପରିଜା, ରାଉରକେଲା*

**ଉତ୍ତର:** ପ୍ରେମରେ ଯଦି ଦମ୍ ନାହିଁ ବୋଲି ଜାଣି ପାରୁଛନ୍ତି ତେବେ ଆଗକୁ ପାଦ ବଢ଼ାଉଛନ୍ତି କାହିଁକି ? ଏପରି କଥା ଜାଣିବା ପରେ ଯଦି ଆଗାନ୍ତି ତେବେ ତାହା ମରିଚିକା ପଛରେ ଧାଇଁବା ପରି ହୋଇଥାଏ। ଯେଉଁ ପ୍ରେମରେ ଦମ୍ ନ ଥାଏ ତାକୁ ନେଇ ଆଶା ବାନ୍ଧିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ତେଣୁ ସେପରି ପ୍ରେମରେ ଯେତେ ଶୀଘ୍ର ଯବନିକା ଟାଣିବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମନକୁ କିପରି ଚୋରି କରିବି ଜାଣି ପାରୁନାହିଁ। ମୋତେ କ'ଣ କରିବାକୁ ପଡିବ ?

*–ତପନ, ବାଲେଶ୍ୱର*

**ଉତ୍ତର:** ପ୍ରଥମେ ସେହି ସୁନ୍ଦରୀ ମନର ପରିଭାଷାକୁ ଭଲ ଭାବରେ ପଢ଼ନ୍ତୁ। ତା' ଚାହାଣୀରେ କ'ଣ ରହିଛି ଜାଣିବାକୁ ଚେଷ୍ଟା କରନ୍ତୁ। ଯଦି ସବୁ କିଛି ପ୍ରେମ ପ୍ରେମ ବାସିଲା ତେବେ ଥୋପ ପକାନ୍ତୁ। ତା'ପରେ ହୁଏତ ଆପଣ ତା' ମନ ଭିତରେ ବସାଟିଏ ବାନ୍ଧି ପାରିବେ। ଆଉ ଯଦି ମନକୁ ମନ ନିଜକୁ ସେହି ସୁନ୍ଦରୀ ମନର ରାଜା ବୋଲି ଭାବନ୍ତି ତେବେ ତାହା କେତେ ଦୂର ଠିକ୍ ପ୍ରଥମେ ନିଜେ ଜାଣିବା ନିହାତି ଦରକାର।



# ମା'ଙ୍କ ପ୍ରିୟ ଜୁଏଲେରି










**ମା' ପାଇଁ ତା' ପିଲା ହେଉଛି ସବୁଠୁ ମୂଲ୍ୟବାନ ଗହଣା। ତା'ର କୁନି କୁନି ହାତ ଓ ପାଦର କୋମଳ ସ୍ପର୍ଶ ତାକୁ ଅପୂର୍ବ ଆନନ୍ଦ ଦେଇଥାଏ। ଠିକ୍ ସେମିତି ସେହି କୁନି କୁନି ହାତ ଓ ପାଦର ଥିମ୍‌କୁ ନେଇ ତିଆରି ହୋଇଥିବା ଜୁଏଲେରି ବି ତା'ର ଖୁବ୍ ମନଲାଖି ଆଉ ପ୍ରିୟ ହୋଇଥାଏ...**

କୁହାଯାଏ, ଦୁନିଆର ସବୁ ଖୁସି ଗୋଟେ ପଟେ ଆଉ ମା' ହେବାର ଖୁସି ଗୋଟେ ପଟେ। ମା' ଏମିତି ଏକ ଶବ୍ଦ, ଯାହାର ଉଚ୍ଚାରଣରେ ରହିଥାଏ ପିଲାମାନଙ୍କ ପ୍ରତି ଅନାବିଳ ସ୍ନେହ, ଶ୍ରଦ୍ଧା ଆଉ ଅସୁମାରୀ ଭଲପାଇବା। ପିଲା ମୁହଁରୁ ମା' ଡାକ ଶୁଣିଲେ ତା' ପେଟ ପୂରିଯାଏ, ଦୁନିଆର ସବୁ ଖୁସି ତାକୁ ମିଳିଗଲା ପରି ଲାଗେ। ଧନ, ଦୌଲତ, ଗହଣା, ଗାଣ୍ଠି କେଉଁଥିରେ ବି ଆଉ ଲୋଭ ରୁହେନି। କୋଳରେ ଧରିଥିବା ଶିଶୁ ହିଁ ତା'ପାଇଁ ସବୁଠୁ ମୂଲ୍ୟବାନ ଧନ ହୋଇଯାଏ। ତା'ର କୁନି କୁନି ହାତ ଓ ପାଦର ସ୍ପର୍ଶ ମା'ର ସବୁ ଦୁଃଖକୁ ଭୁଲାଇଦିଏ। ତେଣୁ ସେହି ମା'ମାନଙ୍କର ଖୁସିକୁ ଆଖି ଆଗରେ ରଖି ଏବେ ଶିଶୁର କୁନି କୁନି ପାଦ ଓ ହାତର ଥିମ୍‌କୁ ନେଇ ସ୍ୱତନ୍ତ୍ର ଧରଣର ଜୁଏଲେରି ମାର୍କେଟ୍‌କୁ ଆସିଲାଣି ; ଯାହାର ଚାହିଦା ବି ବେଶ୍ ଭଲ ରହୁଥିବା ଦେଖିବାକୁ ମିଳୁଛି...

**ବେବି ଫୁଟ୍ ଲକେଟ୍:** ବେବି ଫୁଟ୍ ବା ଶିଶୁଙ୍କ ପାଦ ଡିଜାଇନ୍‌ର ଏହି ଲକେଟ୍ ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏହା ବିଭିନ୍ନ ଡିଜାଇନ୍‌ରେ ମଧ୍ୟ ଆସିଥାଏ। ଯେମିତି କି: ଗୋଟିଏ ପାଦର ଲକେଟ୍, ଦୁଇଟି ପାଦ ଯୋଡ଼ି ହୋଇ ରହିଥିବା ଲକେଟ୍, ଏକାଧିକ ପାଦ ତଳକୁ ଧାଡ଼ି ଧାଡ଼ି ହୋଇ ରହିଥିବା ଲକେଟ୍, ଶିଶୁର ପାଦ ଓ ସେଥିରେ ତା'ର ନାମ ଲେଖା ହୋଇଥିବାର ଲକେଟ୍ ତଥା ମା'ର ପାପୁଲି ଉପରେ ଶିଶୁର ପାପୁଲି ଥିବା ଡିଜାଇନ୍‌ର ଲକେଟ୍ ଇତ୍ୟାଦି ଅନ୍ୟତମ। ଏହା ଉଭୟ ସୁନା, ରୁପା ତଥା ଆର୍ଟିଫିସିଆଲ୍ ଜୁଏଲେରି ଭାବେ ମଧ୍ୟ ଉପଲବ୍ଧ। ଏହି ଲକେଟ୍‌କୁ ମା'ମାନେ ଚାହିଁଲେ ବେକରେ ଚେନ୍ ସାଙ୍ଗରେ ପିନ୍ଧିପାରିବେ ନଚେତ୍ ଷ୍ଟାଇଲିଶ୍ ଲୁକ୍ ପାଇଁ ଏହାକୁ ହାତରେ ବ୍ରେସ୍‌ଲେଟ୍ କରିକି ମଧ୍ୟ ପିନ୍ଧିପାରିବେ।




**ବେବି ଫୁଟ୍ ବ୍ରେସ୍‌ଲେଟ୍:** ଶିଶୁଙ୍କ ପାଦ ଆକୃତିର ଏକାଧିକ ଲକେଟ୍‌କୁ ନେଇ ଖୁବ୍ ସୁନ୍ଦର ସୁନ୍ଦର ବ୍ରେସ୍‌ଲେଟ୍ ବି ଏବେ ମାର୍କେଟ୍‌ରେ ମିଳିଲାଣି। ସେହିପରି ଚୁଡ଼ି ଡିଜାଇନ୍‌ର ବ୍ରେସ୍‌ଲେଟ୍ ଉପରେ ହୋଇଥିବା ଶିଶୁଙ୍କ ପାଦ ଓ ହାତ ପାପୁଲିର ଆକୃତି ବି ବେଶ୍ ଆକର୍ଷଣୀୟ ଲାଗିଥାଏ। ବିଶେଷକରି ଫ୍ୟାଶନପ୍ରିୟ ମା'ମାନଙ୍କର ଏହି ଷ୍ଟାଇଲ୍‌ର ବ୍ରେସ୍‌ଲେଟ୍ ଖୁବ୍ ପସନ୍ଦ ହୋଇଥାଏ।

**ବେବି ଫୁଟ୍ ରିଂ:** ଶିଶୁଙ୍କ ହାତ ଓ ପାଦ ଡିଜାଇନ୍‌ର ରିଂ ବା ମୁଦିକୁ ହାତରେ ପିନ୍ଧିଲେ ତାହା ବେଶ୍ ସୁନ୍ଦର ଦେଖାଯାଇଥାଏ। ଏହା ଉଭୟ ସୁନା, ରୁପା ତଥା ଆର୍ଟିଫିସିଆଲ୍ ଜୁଏଲେରି ଭାବେ ମଧ୍ୟ ମାର୍କେଟ୍‌ରେ ଉପଲବ୍ଧ।

**ବେବି ଫୁଟ୍ ଇୟର ରିଂ:** ଖାସ୍‌କରି ମା'ମାନଙ୍କର ଚାହିଦା ତଥା ପସନ୍ଦକୁ ଦେଖି ଆଜିକାଲି ଶିଶୁଙ୍କ ହାତ ତଥା ପାଦର ଡିଜାଇନ୍ ହୋଇଥିବା ଇୟର୍ ରିଂ ବି ମାର୍କେଟ୍‌କୁ ଆସିଗଲାଣି। ଏହା ଉଭୟ ଷ୍ଟଡ୍ ତଥା ଲଙ୍ଗ୍ ଡିଜାଇନ୍‌ରେ ଉପଲବ୍ଧ ହେଉଛି। ତା'ଛଡ଼ା ସବୁ ପ୍ରକାରର ଆଉଟ୍‌ଫିଟ୍ ସହ ଏହି ଇୟର ରିଂ ବି ବେଶ୍ ଭଲ ମାନୁଛି।



ଦୀପ୍ତି

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ସେଲିବ୍ରିଟି

ମୋହନ ଗୋପୀକୁ- ସହରକୁ ଯିବାପରେ ମତେ ସେଲିବ୍ରିଟି ଭଳି ଲାଗୁଛି।
ଗୋପୀ- କେମିତି ?
ମୋହନ: ଆରେ ସହରରେ ପହଞ୍ଚି ଟ୍ରେନ୍‌ରୁ ଓହ୍ଲେଇବା ମାତ୍ରେ ୧୦-୧୨ଟି ଅଟୋ ଆସି ଅଟକି ଯାଉଛନ୍ତି। ସେତେବେଳେ ମତେ ନିଜକୁ ସେଲିବ୍ରିଟି ଭଳି ଲାଗୁଛି।

## ଟଏଲେଟ୍

ବାଥ୍‌ରୁମ୍‌ରେ ଥିବା ପପୁକୁ ରାଜୁ- ମଣିଷ ଯାଇ ଚନ୍ଦ୍ରରେ ପହଞ୍ଚିଲାଣି। ତୁ ଟଏଲେଟ୍ ଭିତରେ ବସିଥା।
ପପୁ - ମୁଁ ବି ଚନ୍ଦ୍ରକୁ ଯାଇଥିଲି। ହେଲେ ସେଠି ପରା ପାଣି ନ ଥିଲା। ସେଥିପାଇଁ ମୁଁ ଫେରି ଚାଲି ଆସିଲି।


## ନିଦ

ସୋନି ଡାକ୍ତରଙ୍କୁ- ମତେ ଜମା ନିଦ ହଉନି। ଯେତେ ଆଖି ମୁଜିଲେ ବି ପୁଣି ଖୋଲି ହୋଇଯାଉଛି।
ଡାକ୍ତର- ଭଲ ନିଦ ପାଇଁ ଆଖି ନୁହେଁ ଇଣ୍ଟରନେଟ୍ ବନ୍ଦ କରିବାକୁ ପଡିବ।

# ଅନନ୍ୟ ଶୈଳନିବାସ ସକଳେଶପୁର







କର୍ନାଟକସ୍ଥିତ ଏକ ଛୋଟ ତଥା ଆକର୍ଷଣୀୟ ଶୈଳନିବାସ ହେଉଛି ସକଳେଶପୁର। ସମୁଦ୍ରପତ୍ତନଠାରୁ ପ୍ରାୟ ୯୫୬ ମିଟର ଉଚ୍ଚତାରେ ଥିବା ଏହି ପାର୍ବତୀୟ ପର୍ଯ୍ୟଟନସ୍ଥଳୀରେ ଆଗନ୍ତୁକ ଅନେକ ଛୋଟବଡ଼ ପାହାଡ, ଝରଣା, ମନ୍ଦିର ତଥା ସବୁଜ ବନାନୀର ସୌନ୍ଦର୍ଯ୍ୟପୂର୍ଣ୍ଣ ଦୃଶ୍ୟ ଦେଖିବାର ସୁଯୋଗ ପାଇପାରିବେ...



କର୍ନାଟକର ହାସନ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ଶୈଳନିବାସ ହେଉଛି ସକଳେଶପୁର। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ପାର୍ବତୀୟ ପର୍ଯ୍ୟଟନସ୍ଥଳୀରେ ରହିଛି ଅନେକ ମନଛୁଆଁ ଦର୍ଶନୀୟ ସ୍ଥାନ। ବିଶେଷକରି କଫି, ଅଳେଇଚ, ଗୋଲମରିଚ ତଥା ଏରିକା ପାମ୍ ଚାଷ ପାଇଁ ଏହି ସ୍ଥାନର ରହିଛି ଭିନ୍ନ ଏକ ପରିଚୟ। ତା'ଛଡ଼ା ଖରାଦିନେ ଏଠାକାର ଶୀତଳ ଜଳବାୟୁ ଦେହ ଓ ମନକୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ। ତେଣୁ ଅନ୍ୟଦିନ ତୁଳନାରେ ଖରାଦିନ ଆସିଲେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ।

### ନାମକୁ ନେଇ ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ସ୍ଥାନଟି ମୈସୁର ଶାସକଙ୍କ ଅଧୀନରେ ରହିବାର ବହୁ ପୂର୍ବରୁ ହୋୟସଲା ଏବଂ ଚୋଳ ଶାସକଙ୍କ ଅକ୍ତିଆରରେ ରହିଥିଲା। ଏକ ପୌରାଣିକ କଥା ଅନୁଯାୟୀ, ହୋୟସଲା ଶାସକ ଥରେ ଏଠାକୁ ବୁଲି ଆସିବା ସମୟରେ ବାଟରେ ତାଙ୍କୁ ଏକ ଭଗ୍ନ ଶିବଲିଙ୍ଗ ମିଳିଥିଲା ; ଯଦ୍ଦ୍ୱାରା ସେ ସଙ୍ଗେସଙ୍ଗେ ଏହି ସ୍ଥାନଟିର ନାମ ସକଳେଶପୁର ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହିପରି ଯେହେତୁ ଏଠାରେ କୃଷି ଉତ୍ପାଦନ ବହୁତ ଭଲ ହୋଇଥାଏ, ତେଣୁ ଏହି ସ୍ଥାନଟିର ନାମ ସକଳେଶପୁର ରଖାଯାଇଥିବା ଅନ୍ୟ ଏକ ଲୋକକଥାରୁ ମଧ୍ୟ ଜାଣିବାକୁ ମିଳିଥାଏ।

### କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି କେତୋଟି ଆକର୍ଷଣୀୟ ଦୁର୍ଗ, ଜଳପ୍ରପାତ, ମନ୍ଦିର, ଟ୍ରେକିଂ ପଏଣ୍ଟ ତଥା ଭ୍ୟୁ ପଏଣ୍ଟ ଇତ୍ୟାଦି।

**ଦୁର୍ଗ:** ତାରା ଆକୃତିର ମଞ୍ଜରାବାଦ୍ ଦୁର୍ଗ ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। କୁହାଯାଏ, ଏହି ଦୁର୍ଗ ନିକଟରେ ପହଞ୍ଚିବାକୁ ହେଲେ ଆଗନ୍ତୁକଙ୍କୁ ପ୍ରାୟ ୨୫୦ଟି ପାହାଚ ଚଢି ଯିବାକୁ ହୋଇଥାଏ। ଆଉ ଏହି ଦୁର୍ଗ ପାଖରେ ପହଞ୍ଚିଲା ପରେ ଏଠାକାର ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟ କ୍ଷଣିକରେ ମନ ମୋହି ନେଇଥାଏ।

**ମନ୍ଦିର:** ଦର୍ଶକଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିବା ପାଇଁ ଏଠାକାର ନିକଟବର୍ତ୍ତୀ ଅଞ୍ଚଳରେ ରହିଛି କେତେକ ମନ୍ଦିର। ଯେମିତି କି: ସକଳେଶ୍ୱର ମନ୍ଦିର, କୁକ୍କେ ସୁବ୍ରମଣ୍ୟ ମନ୍ଦିର, ବେଟ୍ଟା ବିରଭେଶ୍ୱର ମନ୍ଦିର, ହାଲେବିଡ୍ ଓ ବେଲୁର୍ ମନ୍ଦିର, ଆୟେପ୍ପା ସ୍ୱାମୀ ମନ୍ଦିର, ଏଶୱାରା ମନ୍ଦିର ଇତ୍ୟାଦି।

**ଜଳପ୍ରପାତ:** ମାଞ୍ଜେହାଲି, ହାଡ୍‌ଲୁ ହେଉଛି ସକଳେଶପୁରରେ ଦେଖିବାକୁ ମିଳୁଥିବା ଦୁଇ ପ୍ରମୁଖ ଜଳପ୍ରପାତ। ପର୍ଯ୍ୟଟକ ଚାହିଁଲେ ଖରାଦିନେ ଏଠାରେ ଗାଧୋଇବାର ମଜା ମଧ୍ୟ ନେଇପାରିବେ।


**ଟ୍ରେକିଂ ପଏଣ୍ଟ:** ଅଗ୍ନି ଗୁଡ୍ଡା ହିଲ୍, ପାଣ୍ଡଭାର୍ ଗୁଡ୍ଡା, ଜେନୁକାଲ୍ ଗୁଡ୍ଡା, ଓମାଲ୍ଲୁ ଗୁଡ୍ଡା, ଗ୍ରୀନ୍ ରୁଟ୍ ଟ୍ରେକ୍ ଆଦି ସ୍ଥାନରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଟ୍ରେକିଂର ବେଶ୍ ଭଲ ସୁବିଧା ରହିଛି।

ଏସବୁ ବ୍ୟତୀତ ବିସ୍‌ଲେ ଭ୍ୟୁ ପଏଣ୍ଟ ହେଉଛି ଏଠାକାର ଅନ୍ୟତମ ଆକର୍ଷଣୀୟ ସ୍ଥାନ। ସେହିପରି ପର୍ଯ୍ୟଟକ ଚାହିଁଲେ ଏଠାକାର ହେମାବତୀ ଡ୍ୟାମ୍ ଆଡେ ବୁଲିଯାଇ କିଛିଟା ନିଆରା ଅନୁଭୂତି ମଧ୍ୟ ସାଉଁଟି ପାରିବେ।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ସକଳେଶପୁର ଯିବା ପାଇଁ ସୁବିଧା ଥିଲେ ହେଁ, ବର୍ଷାଦିନକୁ ଛାଡି ବାକି ଅନ୍ୟ ସମୟରେ ଏଠାକୁ ଗଲେ, ବୁଲିବାର ଭରପୂର ଆନନ୍ଦ ଉଠାଇ ହୋଇଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ସକଳେଶପୁର ରେଲୱେ ଷ୍ଟେଶନ ହେଉଛି ଏହାର ନିକଟବର୍ତ୍ତୀ ରେଳଷ୍ଟେଶନ, ଯାହା ଉକ୍ତ ଶୈଳନିବାସଠାରୁ ମାତ୍ର ୨ କି.ମି. ଦୂରରେ ଅବସ୍ଥିତ। ସେହିପରି ଏଠାକୁ ଯିବା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍‌ର ମଧ୍ୟ ଭଲ ସୁବିଧା ରହିଛି। ତା'ଛଡ଼ା ମାଙ୍ଗାଲୋର୍ ଇଣ୍ଟରନ୍ୟାଶନାଲ୍ ଏୟାର୍‌ପୋର୍ଟ ହେଉଛି ସକଳେଶପୁରର ନିକଟବର୍ତ୍ତୀ ବିମାନବନ୍ଦର, ଯାହା ପ୍ରାୟ ୧୩୦ କି.ମି. ଦୂରରେ ଅବସ୍ଥିତ।

ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଏହି ଶୈଳନିବାସରେ ପହଞ୍ଚିପାରିବେ।









# ବିନା ସୁରକ୍ଷାରେ ଧରନ୍ତି ମହୁମାଛି

ମହୁମାଛି ଯାହାକୁ କାମୁଡ଼ିଛି ସେ ଜାଣିଛି ତା'ର ଯନ୍ତ୍ରଣା କିଭଳି। ସେଥିପାଇଁ ତ ମହୁଫେଣା ଭାଙ୍ଗିବାବେଳେ ଲୋକେ ସ୍ୱତନ୍ତ୍ର ସୁଟ୍ ପିନ୍ଧିବା ସହ ହାତରେ ଗ୍ଲୋଭ୍ସ ବି ଲଗାନ୍ତି। କିନ୍ତୁ ଆମେରିକା, ଟେକ୍ସାସରେ ରହୁଥିବା ଏରିକା ଥମ୍ପସନ୍ ନାମ୍ନୀ ମହିଳା ବିନା କୌଣସି ସୁରକ୍ଷା ପଦ୍ଧତି ଆପଣେଇ ଖାଲି ହାତରେ ମହୁଫେଣା ଭାଙ୍ଗନ୍ତି। ଆଉ ଆଶ୍ଚର୍ଯ୍ୟର କଥା ମହୁମାଛି ତାଙ୍କୁ କାମୁଡନ୍ତି ନାହିଁ। ଏରିକା ମହୁମାଛି ପାଳନ କରନ୍ତି। ହଜାର ହଜାର ମହୁମାଛି ଥିବା ମହୁଫେଣାକୁ ବିନା କୌଣସି ସୁରକ୍ଷା ପଦ୍ଧତି ଆପଣେଇ ବାହାର କରୁଥିବାର ଅନେକ ଫଟୋ ଓ ଭିଡିଓ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ କରନ୍ତି ; ଯାହାକୁ ଦେଖି ଲୋକେ ଚକିତ ହୋଇ ଯାଆନ୍ତି। ଲାଗେ ସତେ ଯେମିତି ମହୁମାଛିମାନେ ତାଙ୍କର ପୋଷା ମାନିଯାଇଛନ୍ତି।

## କାର୍ଟୁନ କର୍ନର





# ଗୋ ସୁରକ୍ଷା ଚିନ୍ତା

ଦିନକୁ ଦିନ ଗାଁରୁ ଗୋ-ସମ୍ପଦ କମିବାରେ ଲାଗିଛି। ଆଗପରି ଆଉ ଘରେ ଘରେ ଗୋରୁ ପାଳିବା ଦେଖିବାକୁ ମିଳୁନି। ମାତ୍ର ଦିନଥିଲା ଦେଶର ଅର୍ଥନୈତିକ ବିକାଶରେ ଗୋ-ସମ୍ପଦ ସହାୟକ ହେଉଥିଲା । ତେବେ ଓଡ଼ିଶାରେ ହାତଗଣତି କେତୋଟି ଗୋଶାଳା ରହିଥିବା ବେଳେ ଏବେ ଗୋରୁ ସୁରକ୍ଷା ନେଇ ଓରବରସିଂ ଗାଁର କେତେ ଜଣ ବ୍ୟକ୍ତି ଏକାଠି ହୋଇ ତିଆରି କରିଛନ୍ତି ମହାତ୍ମା ଗାନ୍ଧୀ ଗୋଶାଳା କେନ୍ଦ୍ର- ହିନ୍ଦୁଧର୍ମରେ ବିଶ୍ୱାସ ରହିଛି ଗୋମାତାଙ୍କ ରକ୍ଷଣାବେକ୍ଷଣ କଲେ ଧନ ସମ୍ପତ୍ତି ବୃଦ୍ଧି ସହିତ ପରିବାରରେ ମଙ୍ଗଳ ହୋଇଥାଏ। ଗୋ ଜାତିର ହିତ ସାଧନ ଓ ଗୋସେବା କଲେ କୋଟିପୁଣ୍ୟର ଫଳ ମିଳେ ବୋଲି ବିଶ୍ୱାସ ରହିଛି। ତେବେ ଏହି ପ୍ରାଣୀଙ୍କ ବୃଦ୍ଧାବସ୍ଥା ଖୁବ ଯନ୍ତ୍ରଣା ଦାୟକ। କିଏ ରୋଗ ଯନ୍ତ୍ରଣାରେ ଛଟପଟ ହୁଏ ତ ପୁଣି କାହାରିକୁ ସୁରକ୍ଷା ଚିନ୍ତା ଘାରିଥାଏ। ଏମିତିରେ ଚୋରା ଗୋଚାଲାଣରୁ ମୁକ୍ତ ଓ ବିପଦରେ ପଡ଼ିଥିବା ଗୋରୁଙ୍କୁ ଉଦ୍ଧାରକରି ସେମାନଙ୍କ ସୁରକ୍ଷା ଓ ସେବା ଯତ୍ନ ନେବାରେ ଆନନ୍ଦ ପାଇଥାନ୍ତି ଗୋ-ସେବକମାନେ। ଖୋର୍ଦ୍ଧା ଜିଲାର ଓରବରସିଂ ଗ୍ରାମପଞ୍ଚାୟତ ରାୟପୁରରେ ରହିଥିବା ମହାତ୍ମା ଗାନ୍ଧୀ ଗୋଶାଳାକେନ୍ଦ୍ର ସମ୍ପର୍କରେ ସାମାଜିକକର୍ମୀ ସଂଗ୍ରାମ କେଶରୀ ସାମନ୍ତରାୟ କୁହନ୍ତି- ଆମ ପଞ୍ଚାୟତକୁ ବର୍ଷା ଦିନେ ଅଧିକାଂଶ ବନ୍ୟାଜଳ ଘେରି ରହେ।୨୦୨୦ ମସିହାରେ ବନ୍ୟା, ଝଡ଼ିପବନରେ ଓରବରସିଂହ ଗ୍ରା:ପ:ର କୃଷ୍ଣପୁର, ରାୟପୁର, ମଶାଣିଆ, ତେନ୍ତୁଳିମୂଳ, ସେହିପରି ଦିବ୍ୟସିଂହପୁର ଗ୍ରା:ପ:ର ବାରମାଣ, ଗୋପାଳପୁର, ନରଣଗଡ଼, ଓରମୀ, ମାନପୁରଏବଂ ପୁରୀ ଜିଲା ଦୋକନ୍ଦା ଗ୍ରା:ପ:ର ସବଳଙ୍ଗା ଆଦି ଗାଁର କେତେଜଣ ବ୍ୟକ୍ତିଙ୍କ ଘର ଓ ଗୁହାଳ ଭାଙ୍ଗି ଯିବାରୁ ଗୋରୁଙ୍କୁ ସେମାନେ ଗୁହାଳରୁ ଖୋଲି ଦେଇଥିଲେ। ଏଥିଯୋଗୁ ରାସ୍ତାଘାଟରେ ଖୋଲାରେ ବୁଲୁଥିବା ଅସହାୟ ଗୋରୁଙ୍କୁ ଦେଖି ଚୋରା ଗୋଚାଲାଣକାରୀମାନେ ନେଇଯାଇଥିଲେ, ମାତ୍ର ଆଉ କେତେକ ଗୋରୁ ଭୋକରେ ଘୂରି ବୁଲୁଥିବାରୁ ସେମାନଙ୍କ ବିକଳ ସହିପାରିଲୁନାହିଁ। ସେଥିପାଇଁ ଆମ ଗାଁର ଆନନ୍ଦଚନ୍ଦ୍ର ସାମନ୍ତରାୟ, ଅଜୟ ସେଠୀ, ପ୍ରଭାତ ସେନାପତି, ଚିନ୍ମୟ ବରୀଶଳ, ସ୍ୱର୍ଗତ ଲୋକନାଥ ପଟ୍ଟନାୟକ, ନରେନ୍ଦ୍ର ମଙ୍ଗରାଜ, ପ୍ରଶାନ୍ତ ସେନାପତି ପ୍ରମୁଖ ମିଶି ବୁଲା ଗୋରଙ୍କ ସୁରକ୍ଷା ପାଇଁ ଚିନ୍ତା କରିଥିଲୁ। ଗାଁରେ ଏକ ଅପନ୍ତା ଖାଲଜାଗାରେ ଗୁହାଳଟିଏ କରିଥିଲୁ । ଏଥିପାଇଁ ଘରେ ବାପା ଉଲାସଚନ୍ଦ୍ର ସାମନ୍ତରାୟ ଓ ମା' ଶୈଳବାଳାଙ୍କ ପରାମର୍ଶ ନେବାରୁ ସେ ୮୦ହଜାର ଟଙ୍କା ଦେଇଥିଲେ। ଏହି ଗୋରୁଙ୍କ ସୁରକ୍ଷା ପାଇଁ ଖର୍ଚ୍ଚ କରିଥିଲୁ। ଖୋର୍ଦ୍ଧା ଜିଲାର ପୂର୍ବତନ ଜିଲାପାଳ ନିରଞ୍ଜନ ସାହୁଙ୍କ ପରାମର୍ଶ ଓ ଉତ୍ସାହ ଏପରି କାର୍ଯ୍ୟ ପ୍ରତି ପ୍ରେରଣା ଦେଇଥିଲା। ସ୍ୱରାଜ ମିଶ୍ରଙ୍କ ପରାମର୍ଶ ମଧ୍ୟ ଉତ୍ସାହିତ କରିଛି। ୨୦୨୦ ମସିହା ସେପ୍ଟେମ୍ବର ୫ରୁ ଏହି ଗୋଶାଳାରେ ପ୍ରଥମେ ପ୍ରାୟ ୩୨ଟି ଗୋରୁଙ୍କ ସୁରକ୍ଷା କରାଯାଇଛି। ଦିନକୁ ଦିନ ଏଥିରେ ସଂଖ୍ୟା ବଢୁଥିବା ଜଣାପଡ଼ୁଛି। ସେମାନଙ୍କ ସୁରକ୍ଷା ଓ ସେବାଯତ୍ନ ଲାଗି ଦୁଇଜଣ ବ୍ୟକ୍ତିଙ୍କୁ ମାସିକ ପ୍ରାୟ ୧୫ହଜାର ଟଙ୍କା ଦେବାକୁ ପଡୁଛି। ଗୋରୁଙ୍କ ସେବା ଯତ୍ନରେ ଆବଶ୍ୟକ ପଡୁଥିବା ଅର୍ଥକୁ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କଠାରୁ ମିଳିପାରୁଛି। ଶିକ୍ଷାବିତ୍ ଅଜୟ ସେଠୀ କୁହନ୍ତି- ଅତୀତରେ ଗୋରୁପଲ ଗାଁ ସଂସ୍କୃତିର ଏକ ଅଙ୍ଗଥିଲା। ଏମାନଙ୍କ ପାଇଁ କେଉଁକାଳରୁ ଗୋଚର ଜାଗାର ସଂରକ୍ଷଣ ରହିଛି। ଗାଁ ନିକଟ ଜମିରେ ଗୋରୁପଲ ସ୍ଥିତିକୁ ଦେଖି ସେତେବେଳେ ସେହି ଗାଁର ଆର୍ଥିକସ୍ଥିତିକୁ ବି ଆକଳନ କରାଯାଇଥିଲା। ଅବଶ୍ୟ ସେସବୁ ଆଜିକାଲି କମିକମି ଯାଉଛି । ମାତ୍ର ଆମ ଗାଁରେ ମହାତ୍ମା ଗାନ୍ଧୀ ଗୋଶଳା କେନ୍ଦ୍ର ଅନ୍ୟମାନଙ୍କ ପାଇଁ ଭିନ୍ନ ପରିଚୟ ଦେଇଛି। ଆନନ୍ଦ ସାମନ୍ତରାୟ କୁହନ୍ତି - ଗାଁ ଦାଣ୍ଡରେ ଆଉ ଧୂଳି ଉଡୁନାହିଁ କି ଶୁଭୁନାହିଁ ଗାଈଆଳ ପିଲାର ଡାକ ଗାଈଗଲେ ହୋ...କୁହାଟ ବା ଡାକ ସେଭଳି ଶୁଭୁନାହିଁ। ଆଜିକାଲି ଗାଁରୁ ଗୋରୁ ପଲ ସହ ଗୋଧୂଳି ବି ଏକ ପ୍ରକାର ନିରୁଦ୍ଦିଷ୍ଟ ହେଲାଣି। ଏମିତି କି ଗୋ ସମ୍ପଦ ଏବେ ସଙ୍କଟରେ ପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଏମିତି ପରିସ୍ଥିତରେ ଆମ ଗାଁର କେତେଜଣ ଗୋ ସେବକ ଏକ ଗୋଶାଳାରେ ଗୋରୁଙ୍କ ଯତ୍ନ ନେଉଛନ୍ତି ।

**ପିପୁଲ୍‌ସ ଫର ଆନିମଲ ସର୍ଭେ**- ପିପୁଲ୍‌ସ ଫର ଆନିମଲ ନାମକ ସଂସ୍ଥା ତରଫରୁ କିଛି ବର୍ଷତଳେ ଏକ ସର୍ବେକ୍ଷଣ ହୋଇଥିଲା। ଉକ୍ତ ସର୍ବେକ୍ଷଣ ଅନୁଯାୟୀ ଭଦ୍ରକରୁ କଲିକତାକୁ ୪୦ହଜାର, ଯାଜପୁରରୁ କଲିକତାକୁ ୨୦ହଜାର, କେନ୍ଦ୍ରାପଡ଼ାରୁ କଲିକତାକୁ ୨୪ହଜାର, ବଲାଙ୍ଗୀରରୁ କଲିକତାକୁ ଓ ବୌଦ୍ଧରୁ ଆନ୍ଧ୍ରପ୍ରଦେଶକୁ ୨୦ହଜାର, ଜଗତ୍‌ସିଂହ ପୁରରୁ କଲିକତାକୁ ୨୦ହଜାର, ବାଲେଶ୍ୱରରୁ କଲିକତାକୁ ୫୦ହଜାର ଗୋରୁ ଚାଲାଣ ହେଉଛି। ପିପୁଲ୍‌ସ ଫର ଆନିମଲ ସଂସ୍ଥାର ସମ୍ପାଦକ ଜୀବନ ଦାସ କୁହନ୍ତି, ପଶ୍ଚିମ ବଙ୍ଗର ଉଲବେରିଆରୁ ଅଧିକ ଗୋରୁ ଚାଲାଣ ହେଉଛି। ଏଥିରୁ ୭୫ପ୍ରତିଶତ ହେଉଛି ଓଡ଼ିଶାରୁ ଚାଲାଣ ହେଉଥିବା ଗୋରୁ। ଆମ ରାଜ୍ୟର ଖୋର୍ଦ୍ଧା ଜିଲାର ବେଗୁନିଆ, ଟାଙ୍ଗୀ, କୁହୁଡ଼ି, କୋରାପୁଟର -ସେମିଲିଗୁଡ଼ା, ଭଦ୍ରକର-ଚରମ୍ପା, ଗଞ୍ଜାମର-ଖଲ୍ଲିକୋଟ, ହିଞ୍ଜିଳିକାଟୁ, କଟକର ଗଙ୍ଗାହାଟ, ଯାଜପୁରର ନାନପୁର, ପୁରୀ ଜିଲାର ଗୋପ, ନୟାଗଡ଼ ଜିଲାର ଖଣ୍ଡପଡ଼ା, ଭାପୁର, ଜଗତ୍‌ସିଂପୁର, ସମ୍ବଲପୁର, ବଲାଙ୍ଗୀର ଆଦି କେତେକ ସ୍ଥାନରୁ ସର୍ବାଧିକ ଗୋଚାଲଣ ହୋଇଥାଏ। ଏପରି କି ରାଜ୍ୟରୁ ମାସିକ ପ୍ରାୟ ୮୮ହଜାରରୁ ଅଧିକସଂଖ୍ୟକ ଗୋରୁ ଚାଲାଣ ହେଉଛି। ଗୋ-ସୁରକ୍ଷା ନେଇ ବିଭିନ୍ନ ସମୟରେ ବହୁ ଅଘଟଣ ଘଟୁଛି। ଗୋସମ୍ପଦ ସୁରକ୍ଷା ନେଇ ଜନସଚେତନତାର ଆବଶ୍ୟକତା ରହିଛି। ଏଥିପ୍ରତି ଆଇନର କଡ଼ା ପଦକ୍ଷେପ ଜରୁରୀ ହୋଇପଡ଼ିଛି।

-ବନବିହାରୀ ବେହେରା











ବ୍ୟାକ୍ ପେଜ୍



# ୫ ଫୁଟିଆ ଥାଳିରେ ପରଷାଯାଏ ଖାଦ୍ୟ

ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଭିନ୍ନ ଭିନ୍ନ ରେଷ୍ଟୁରାଣ୍ଟ ଭିନ୍ନ ଭିନ୍ନ ଉପାୟ ଆପଣାଏ। ରେଷ୍ଟୁରାଣ୍ଟର ମେନ୍ୟୁ ହେଉ ଅବା ସାଜସଜ୍ଜା ଅବା ହେଉ ଅଜବ ନାଁ। କିଛି ନା କିଛି ସ୍ୱତନ୍ତ୍ର ଓ ନିଆରା କରାଯାଏ ବ୍ୟବସାୟ ବଢାଇବା ପାଇଁ। ଗୁଜରାଟର ଅହମଦାବାଦରେ ଅଛି ସେମିତି ଏକ ରେଷ୍ଟୁରାଣ୍ଟ ; ଯେଉଁଠି ଗ୍ରାହକଙ୍କୁ ୫ ଫୁଟ ଲମ୍ବା ଥାଳିରେ ସୁସ୍ୱାଦୁ ଖାଦ୍ୟ ପରଷାଯାଏ। ଖାଲି ସେତିକି ନୁହେଁ, ଉକ୍ତ ରେଷ୍ଟୁରାଣ୍ଟରେ ଖେଳାଳିମାନଙ୍କ ନାମାନୁସାରେ ଖାଦ୍ୟର ନାମ ରଖାଯାଇଛି। ଏଠାରେ ଖାସ୍ ଅନ୍ଦାଜରେ କ୍ରିକେଟ ଥିମ୍‌ବାଲା ମେନୁ ମିଳିଥାଏ। ଯେମିତି କି ମେନୁରେ କୋହଲି ଖମନ, ପାଣ୍ଡ୍ୟା ପାତ୍ର, ଧୋନୀ ଖିଚ୍‌ଡି, ଭୁବନେଶ୍ୱର ଭର୍ତ୍ତା, ରୋହିତ ଆଲୁ ରଶିଲା, ଶାର୍ଦ୍ଦୁଲ ଶ୍ରୀଖଣ୍ଡ, ବାଉନ୍ସର ବାସୁନ୍ଦୀ, ହ୍ୟାଟିକ ଗୁଜରାଟୀ ଦାଲ, ବୁମରା ଭିଣ୍ଡୀ, ହରଭଜନ ହାଣ୍ଡୱା ଆଦି ପାଇବେ। ଏହାବାଦ୍ ବିଭିନ୍ନ ସୁସ୍ୱାଦୁ ଗୁଜରାଟୀ ବ୍ୟଞ୍ଜନ ମଧ୍ୟ ଉପଲବ୍ଧ ହୁଏ। ଏହା ସହ ସ୍ନାକ୍ସ, ବ୍ରେଡ, ଏପେଟାଇଜର୍ ଓ ଡିଜର୍ଟ ବି ରହିଛି। ୫ ଫୁଟ୍ ବିଶିଷ୍ଟ ଥାଳିରେ ନାନା ପ୍ରକାରର ବ୍ୟଞ୍ଜନ ବେଶ୍ ସୁନ୍ଦରଭାବେ ପରଷାଯାଏ। ହେଲେ ଏତେସବୁ ଖାଦ୍ୟ ଜଣେ ଖାଇବା ସମ୍ଭବ ନୁହେଁ।











# ଗୋଟିଏ ଡ୍ରେସ୍ ୧୦୦ ଦିନ

ଯଦି ଆପଣଙ୍କୁ ପଚରାଯାଏ ଗୋଟିଏ ଡ୍ରେସ୍ କେତେଦିନ ପିନ୍ଧିପାରିବେ? ଉତ୍ତର ହେବ ଗୋଟିଏ କି ଦୁଇଦିନ। ତା'ଠୁ ବେଶି ହୋଇ ନ ପାରେ। କିନ୍ତୁ ଜଣେ ମହିଳା ଗୋଟିଏ ଡ୍ରେସ୍‌କୁ ତିନି ମାସରୁ ଊର୍ଦ୍ଧ୍ୱ ପିନ୍ଧି ରେକର୍ଡ କରିଛନ୍ତି। ବୋଷ୍ଟନରେ ରହୁଥିବା ସାରା ରବିନ୍ସ ହେଉଛନ୍ତି ଏହି ମହିଳା। ସେ ଗୋଟିଏ ଡ୍ରେସ୍‌କୁ ୧୦୦ ଦିନ ପର୍ଯ୍ୟନ୍ତ ପିନ୍ଧି ଚର୍ଚ୍ଚାର ବିଷୟ ପାଲଟିବା ସହ ରେକର୍ଡ ଧାରଣ କଲେ। ସେ ଗୋଟିଏ ପୋଷାକ ପିନ୍ଧିଥିଲେ, ହେଲେ ଭିନ୍ନ ଭିନ୍ନ ଢଙ୍ଗରେ। ଉକ୍ତ ଡ୍ରେସକୁ ସେ କେବେ ସ୍କର୍ଟ, କେବେ ଜିନ୍ସ ତ ଆଉ କେବେ ଜ୍ୟାକେଟ୍ ସହ ପିନ୍ଧିଥିଲେ। ୧୬ ସେପ୍ଟେମ୍ବର ୨୦୨୦ରେ ସେ ଏହି ଚ୍ୟାଲେଞ୍ଜରେ ଅଂଶ ଗ୍ରହଣ କରିଥିଲେ। ସେ ସେହି ଡ୍ରେସ୍‌କୁ ପିନ୍ଧି ନିଜର ବିଭିନ୍ନ କାମ କରିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମକୁ ଯାଇଛନ୍ତି। ତେବେ ପ୍ରତିଥର ସେହି ଡ୍ରେସ୍‌କୁ ସେ ଭିନ୍ନ ଢଙ୍ଗରେ ପିନ୍ଧୁଥିଲେ। ତେଣୁ ଗୋଟିଏ ପୋଷାକ ବୋଲି ଜଣାପଡୁ ନ ଥିଲା। ସାରା ଏହି ଚ୍ୟାଲେଞ୍ଜ ଗ୍ରହଣ କରିବାର ଉଦ୍ଦେଶ୍ୟ ହେଉଛି ପ୍ରତିଦିନ କପଡା ଧୋଇବା ଦ୍ୱାରା ହେଉଥିବା ଅଯଥା ଜଳ ଅପଚୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା। ୧୦୦ ଦିନ ପୋଷାକ ପିନ୍ଧିବାର ଚ୍ୟାଲେଞ୍ଜ କପଡା ବ୍ରାଣ୍ଡ ଉଲ୍ ଆଣ୍ଡ କରିଥିଲା। ଏହି ଚ୍ୟାଲେଞ୍ଜ ଜିତିଥିବା ବ୍ୟକ୍ତିଙ୍କୁ ୧୦୦ ଆମେରିକୀୟ ଡଲାର ଭାଉଚର ପ୍ରଦାନ କରାଯାଇଥିଲା।





# ୩୧ ବର୍ଷ ଧରି ଖାଉଛନ୍ତି ଗୋଡ଼ିପଥର

ଛୋଟବେଳେ କିଛି ପିଲାଙ୍କୁ ଗୋଡି ମାଟି ଖାଇବାକୁ ଭଲ ଲାଗିଥାଏ। ସେମାନେ ଲୁଚାଇଚୋରାଇ ମାଟି ଖାଆନ୍ତି। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବୟସ୍କ ବ୍ୟକ୍ତି ପଥର ଖାଉଛନ୍ତି। ସେ ପୁଣି ପ୍ରତିଦିନ। ପ୍ରାୟ ୩୧ ବର୍ଷ ହେବ ପ୍ରତିଦିନ ସେ ୨୫୦ ଗ୍ରାମ୍‌ର ପଥର ଖାଇଆସୁଛନ୍ତି। ସେହି ବକ୍ତିଜଣକ ହେଉଛନ୍ତି ୮୦ ବର୍ଷୀୟ ରାମଭାଉ ବୋଡକେ। ମହାରାଷ୍ଟ୍ରର ସତାରରେ ତାଙ୍କ ଘର। ଏହି ପଥର ଖିଆ ଅଭ୍ୟାସ ପାଇଁ ତାଙ୍କୁ ଗାଁରେ 'ପଥର ବାବା' ବୋଲି ମଧ୍ୟ କୁହନ୍ତି। ତେବେ ଏଭଳି ଅଭ୍ୟାସ ପଛରେ ରହିଛି ଏକ ରୋଚକ କଥା। ୧୯୮୯ରେ ସେ ମୁମ୍ବାଇ କାମ ଖୋଜିବା ପାଇଁ ଯାଇଥିଲେ। ହେଲେ ସେଠାରେ ହଠାତ୍ ତାଙ୍କ ପେଟ ଯନ୍ତ୍ରଣା ଆରମ୍ଭ ହୋଇଗଲା। ତିନି ବର୍ଷ ପର୍ଯ୍ୟନ୍ତ ଏହାର ଚିକିତ୍ସା କରାଇଲେ। କିନ୍ତୁ ଯନ୍ତ୍ରଣା କମିଲା ନାହିଁ। ଏହାପରେ ସେ ପୁଣିଥରେ ଗାଁକୁ ଫେରି ଆସିଲେ। ଆଉ ଚାଷବାସ କଲେ। ତଥାପି ପେଟ ଯନ୍ତ୍ରଣା କମି ନ ଥାଏ। ଗାଁରେ ରହୁଥିବା ଜଣେ ବୃଦ୍ଧା ରାମଭାଉଙ୍କ ଅବସ୍ଥା ଦେଖି ତାଙ୍କୁ ପଥର ଖାଇବାକୁ ପରାମର୍ଶ ଦେଲେ। ବୃଦ୍ଧାଙ୍କ କଥା ମାନି ରାମଭାଉ ପଥର ଖାଇବା ଆରମ୍ଭ କଲେ। ଏହାପରେ ପେଟ ଯନ୍ତ୍ରଣା ଟିକେ କମିଲା। ସେବେଠାରୁ ସେ ପଥର ଖାଇବା ଜାରି ରଖିଛନ୍ତି। ତାଙ୍କ ପକେଟରେ ସବୁବେଳେ ଛୋଟ ବଡ଼ ପଥର ରହିଥାଏ। ନିକଟରେ ତାଙ୍କର ଆଉ ଥରେ ପେଟ ଯନ୍ତ୍ରଣା ହୋଇଥିଲା। ଆଉ ସିଟି ସ୍କାନରୁ ଜଣାପଡିଲା ତାଙ୍କ ପେଟରେ ଅନେକ ପଥର ଜମା ହୋଇ ରହିଛି । ଯଦିଓ ପରେ ସୁସ୍ଥ ହୋଇଯାଇଥିଲେ। ହେଲେ ଡାକ୍ତର ରାମଭାଉଙ୍କ ଅଜବ ଖାଦ୍ୟ ସମ୍ପର୍କରେ ଜାଣି ଚକିତ ହୋଇଯାଇଥିଲେ।